ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK
ପର୍ଯବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.24 . No.61 Bhubaneswar Wednesday, April 14, 2021 ୨୪ତମ ବର୍ଷ ସଂଖ୍ୟା–୬୧ ଭୁବନେଶ୍ୱର, ବୁଧବାର, ଅପ୍ରେଲ ୧୪, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS



ନୂଆଦିଲ୍ଲୀରେ କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ବିଶ୍ୱବ୍ୟାଙ୍କ ଗ୍ରୁପର ସଭାପତି ଶ୍ରୀ ଡେଭିଡ୍ ମାଲପାସଙ୍କ ସହ ଭର୍ଚୁଆଲ ମିଟିଂରେ ଆଲୋଚନାରତ

## ପଣାସଂକ୍ରାନ୍ତିରେ ଭକ୍ତଙ୍କୁ ମନ୍ଦିର ମନା, କଟକଣା ଜାରି କଲା ବିଏମସି

ଭୁବନେଶ୍ୱର,୧୩।୪(ପି.ଏନ): ଆସନ୍ତାକାଲି ପଣାସଂକ୍ରାନ୍ତିରେ ମନ୍ଦିର ଯାଇପାରିବେନି ଭକ୍ତ । କରୋନା ସଂକ୍ରମଣ ବଢୁଥିବାରୁ ପଣାସଂକ୍ରାନ୍ତି ପାଳନକୁ ନେଇ ବିଏମସି ପକ୍ଷରୁ କଟକଣା ଜାରି କରାଯାଇଛି । ସାଧାରଣ ସ୍ଥାନରେ ପଣା ସଂକ୍ରାନ୍ତି ପାଳନକୁ ବାରଣ କରାଯାଇଛି । ସେହିପରି ରମଜାନ୍ ପାଳନ ପାଇଁ କଟକଣା ଲାଗୁ କରିଛି ବିଏମସି । ବିଏମସି କମିଶନର୍ ପ୍ରେମ ଚନ୍ଦ୍ର ଚୌଧୁରୀ କହିଛନ୍ତି, ମନ୍ଦିରରେ ପଣାସଂକ୍ରାନ୍ତି ପାଳନ ଲାଗି ବାରଣ କରାଯାଇଛି । କେବଳ ପୂଜକମାନେ ପୂଜାର୍ଚ୍ଚନା କରିପାରିବେ । କିନ୍ତୁ ମନ୍ଦିରରେ ପଣା ପିଇବା କାର୍ଯ୍ୟକ୍ରମ ହୋଇପାରିବ ନାହିଁ । ଠିକ୍ ସେହିପରି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ସର୍ବସାଧାରଣ ସ୍ଥାନରେ ପଣାସଂକ୍ରାନ୍ତି ପାଳନକୁ ମନା କରାଯାଇଛି ବୋଲି ବିଏମସି କମିଶନର୍ କହିଛନ୍ତି ।ଅପରପକ୍ଷରେ ମୁସଲମାନ ସମ୍ପ୍ରଦାୟଙ୍କ ରମଜାନ ମାସ ଆରମ୍ଭ ହେଉଛି ।

# ଗୋଟିଏ ଦିନରେ ୧୭୮୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୩।୪(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୭୮୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୫୩୦୮୬ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୪୦୬୦୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୦୫୦୩ ରହିଛି । ଆଜି ଚିହ୍ନଟ ହୋଇଥିବା ୧୭୮୪ ଜଣଙ୍କ ମଧ୍ୟରୁ ୧୦୩୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୪୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ନୂଆପଡା ଜିଲ୍ଲାରେ ସବୁଠାରୁ ଅଧିକ ୩୦୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୭୨ ଜଣ, ବରଗଡ଼ରୁ ୮୭ ଜଣ, ଭଦ୍ରକରୁ ୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୯୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୪, କଟକରୁ ୫୯ ଜଣ, ଦେବଗଡ ଜିଲ୍ଲାରୁ ୧୨ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨ ଜଣ, ଗଜପତି ଜିଲ୍ଲାରୁ ୧୬, ଗଞ୍ଜାମରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୭ ଜଣ, ଯାଜପୁରରୁ ୩୩ ଜଣ, ଝାରସୁଗୁଡ଼ାରୁ ୧୦ ଜଣ, କଳାହାଣ୍ଡିରୁ ୬୮ ଜଣ, କନ୍ଧମାଳ ଜିଲ୍ଲାରୁ ୧୩ ଜଣ. କେନ୍ଦ୍ରାପଡ଼ାରୁ ୧୮ ଜଣ, କେନ୍ଦୁଝରରୁ ୫୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୦୧ ଜଣ, କୋରାପୁଟରୁ ୧୦ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୭ ଜଣ, ନବରଙ୍ଗପୁରରୁ ୬୭ ଜଣ, ନୟାଗଡ଼ରୁ ୧୪ ଜଣ, ନୂଆପଡ଼ାରୁ ୩୦୩ ଜଣ, ପୁରୀରୁ ୫୩ ଜଣ, ରାୟଗଡ଼ାରୁ ୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୧୪ ଜଣ, ସୋନପୁରରୁ ୦୬ ଜଣ, ସୁନ୍ଦରଗଡ଼ରୁ ୨୪୧ ଜଣ ଓ ଷ୍ଟେଟ୍ ପୁଲରୁ ୪୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ବାଲେଶ୍ୱରରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ

ବାଲେଶ୍ୱର/ଭୁବନେଶ୍ୱର, ୧୩।୪(ପି.ଏନ): ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ଶାସନ ସଚିବ ଭି.କେ.ପାଣ୍ଡିଆନ, ପୂର୍ତ୍ତ ଶାସନ ସଚିବ ଡ. କ୍ରିଷନ କୁମାରଙ୍କ ସହ ମଙ୍ଗଳବାର ଦିନ ବାଲେଶ୍ୱର ଗସ୍ତ କରି ସହରର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କ୍ଷେତ୍ରସ୍ତରୀୟ ପରିଦର୍ଶନ ଓ ସମୀକ୍ଷା କରିଥିଲେ । ଏହି ଗସ୍ତ ସମୟରେ ମୁଖ୍ୟ ଶାସନ ସଚିବ ମଧ୍ୟ ବାଲେଶ୍ୱର ଜିଲ୍ଲାରେ କୋଭିଡ୍ ସ୍ଥିତି ଏବଂ ଏହାର ପରିଚାଳନା ନିମନ୍ତେ ହୋଇଥିବା ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏହି ସର୍ବୋଚ୍ଚ ପ୍ରଶାସନିକ ଟିମ୍ ବାଲେଶ୍ୱରରେ ପହଂଚିବା ପରେ ପରେ ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ଗହଣରେ କୁରୁଡା ଜଙ୍କସନ୍, କୁରୁଡାରୁ ତାମୁଲିଆ ପର୍ଯ୍ୟନ୍ତ ରାସ୍ତା, ତାମୁଲିଆରୁ ଷ୍ଟେସନ ଛକ ପର୍ଯ୍ୟନ୍ତ ରାସ୍ତା, ବାଲେଶ୍ୱର ବସ୍ଷ୍ଟାଣ୍ଡ, ସହଦେବ ଖୁଂଟାରୁ ରେମୁଣା ଗୋଲେଇ ପର୍ଯ୍ୟନ୍ତ ରାସ୍ତା, ଫକୀରମୋହନ ମେଡିକାଲ କଲେଜର ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ଶିକ୍ଷାଦାନ ହସପିଟାଲ, ହରିପୁରରୁ ଦହପଡା ପର୍ଯ୍ୟନ୍ତ ବଳଙ୍ଗ ନଦୀତଟ ଓ ପାର୍କ ପାଇଁ ପ୍ରସ୍ତାବିତ ପ୍ରକଳ୍ପ ସମ୍ବନ୍ଧରେ ଆଲୋଚନା କରିଥିଲେ । ସେଠାରୁ ଫେରି ଲେବଲ କ୍ରସିଂ ୭୯ ଉପରେ ନିର୍ମାଣାଧୀନ ଓଭର ବ୍ରିଜ ଆଦି ସ୍ଥାନ ପରିଦର୍ଶନ କରିଥିଲେ । ପରେ ପରେ ମୁଖ୍ୟ ଶାସନ ସଚିବ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ସେଠାରେ କୋଭିଡ୍ ପରିଚାଳନାର ସମୀକ୍ଷା କରିଥିଲେ । ବାଲେଶ୍ୱର ଜିଲ୍ଲା ସ୍କୁଲ ଗସ୍ତ କରି ସାଇନସ ଲାବୋରଟୋରୀ ଏବଂ ବିଦ୍ୟାଳୟର ଶୈକ୍ଷିକ ପରିବେଶର ସମୀକ୍ଷା କରିଥିଲେ । ମୋ ସ୍କୁଲ ଅଭିଯାନରେ ସାମିଲ ହୋଇଥିବା ପୂର୍ବତନ ଛାତ୍ରମାନଙ୍କ ସହ ଆଲୋଚନା କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଶ୍ରୀ ମହାପାତ୍ର ବାଲେଶ୍ୱର ଜିଲ୍ଲା ସ୍କୁଲର ୧୯୫୨ ମସିହାରେ ଥିବା ଛାତ୍ର ତଥା ପୂର୍ବତନ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ଶ୍ରୀ ତୁଳସୀ ରଞ୍ଜନ ମିଶ୍ରଙ୍କୁ ସାଧୁବାଦ ଜଣାଇଥିଲେ । ସୂଚନାଯୋଗ୍ୟ, ଶ୍ରୀ ମିଶ୍ର ମୋସ୍କୁଲ ଅଭିଯାନରେ ସାମିଲ ହୋଇ ବାଲେଶ୍ୱର ସହର ସ୍ଥିତ ୪ଟି ସ୍କୁଲକୁ ୮ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି ।ଗସ୍ତ ଓ ସମୀକ୍ଷା ପରେ ପରେ ସାମ୍ବାଦିକମାନଙ୍କର ପ୍ରଶ୍ନର ଉତର ଦେଇ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ ବାଲେଶ୍ୱର ସହରର ଭିତିଭୂମି ଓ ସେବା ଯୋଗାଣ ବ୍ୟବସ୍ଥା ଆଦିର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ରହିଥିବା ବିଭିନ୍ନ ଆବଶ୍ୟକତାର ଅନୁଧ୍ୟାନ ପାଇଁ ଆଜି ଏହି ଟିମ୍ ବାଲେଶ୍ୱର ଗସ୍ତ କରିଥିଲେ । ଏହି ଟିମ୍ ଖୁବ ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ବାସ୍ତବ ସ୍ଥିତି ଓ ଆବଶ୍ୟକତା ବିଷୟରେ ପୂର୍ଣ୍ଣ ବିବରଣୀ ଦେବେ । ଏହି ଗସ୍ତ, ପରିଦର୍ଶନ ଓ ସମୀକ୍ଷା ସମୟରେ ଅତିରିକ୍ତ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ପୂର୍ବାଂଚଳ ଆରକ୍ଷୀ ମହାନିରୀକ୍ଷକ ଦୀପ୍ତେଶ ପଟ୍ଟନାୟକ, ବାଲେଶ୍ୱର ଏସ.ପି. ସୁଧାଂଶୁ ଶେଖର ମିଶ୍ର, ସିଡିଏମଓ ଡା.ଦୁଲାଳସେନ ଜଗଦ୍ଦେବ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ନୀଲୁ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଯୋଗ ଦେଇଥିଲେ ।

# କାଳବୈଶାଖୀ ସମ୍ଭାବନା , ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୧୩।୪(ପି.ଏନ): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଆଭ୍ୟନ୍ତର, ଉତର, ଦକ୍ଷିଣ ଓ ଉପକୂଳ ଜିଲ୍ଲା ଗୁଡିକରେ କାଳବୈଶାଖୀ ବର୍ଷା ଓ ଘୂର୍ଣ୍ଣିଝଡ଼ର ସମ୍ଭାବନା ରହିଛି । ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ର ସୂଚନା ଅନୁଯାୟୀ ଜାରି ସତର୍କ ସୂଚନା ମତାବକ ଆଜି (ମଙ୍ଗଳବାର) ଅପରାହ୍ନ ୧ଟା ୩୦ରୁ ଆସନ୍ତାକାଲି ବୁଧବାର ସକାଳ ୮ଟା୩୦ ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ, କନ୍ଧମାଳ , କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହିତ ବଜ୍ରପାତ ହେବାର ସମ୍ଭାବନା ଅଧିକ ରହିଛି । କିଛି ସ୍ଥାନରେ କୁଆପଥର ବର୍ଷା ମଧ ହୋଇପାରେ । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ବୁଧବାର ସକାଳ ଠାରୁ ଗୁରୁବାର ସକାଳ ମଧ୍ୟରେ ମାଲକାନଗିରି , କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି , ରାୟଗଡା. ଗଜପତି, କନ୍ଧମାଳ ଓ ନୂଆପଡା ଜିଲ୍ଲାର କିଛି ସ୍ଥାନରେ ବଜ୍ରପାତ ଓ ଘୂର୍ଣ୍ଣିଝଡର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ଘଂଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିପାରେ । ଏହା ବ୍ୟତୀତ ମାଲକାନଗିରି , କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ । ଗୁରୁବାର ସକାଳ ଠାରୁ ଶୁକ୍ରବାର ସକାଳ ପର୍ଯ୍ୟନ୍ତ କୋରାପୁଟ , ନବରଙ୍ଗପୁର, ନୂଆପଡା, ବଲାଙ୍ଗୀର , ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ , ଦେବଗଡ , କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାର ଅଧିକାଂଶ ସ୍ଥାନରେ ଝଡବର୍ଷା ଓ ବଜ୍ରପାତ ହୋଇପାରେ । ଏସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## ସିଂହାପୁର ନାରାୟଣଙ୍କ ପୀଠରେ ଲାଗିଲା ୧୪୪

ଧର୍ମଶାଳା,୧୩।୪(ପି.ଏନ): ଆସନ୍ତାକାଲି ହେଉଛି ମହାବିଷୁବ ସଂକ୍ରାନ୍ତି । ବହୁ ଧୂମଧାମରେ ପାଳିତ ହୋଇଥାଏ ଯାତ୍ରା । ଯାତ୍ରା ଦେଖିବାକୁ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଭଗବାନଙ୍କ ଦର୍ଶନ ପାଇଁ ଧାଇଁ ଆସିଥାନ୍ତି । ଗତ ବର୍ଷ କରୋନା କଟକଣା ଯୋଗୁଁ ଦର୍ଶନ ପାଇବାରୁ ବଂଚିତ ହୋଇଥିଲେ ଭକ୍ତ । କରୋନା ସଂକ୍ରମଣ ୨ୟ ପର୍ଯ୍ୟାୟରେ ପଂହଚିବା ପରେ ଅଂଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଫଳରେ ଚଳିତ ବର୍ଷେ ଭଗବାନ ଦର୍ଶନ ପାଇବାରୁ ବଂଚିତ ହେବେ ଭକ୍ତ । ଯାଜପୁର ଜିଲା ରସୁଲପୁର ବ୍ଲକର ବହୁ ପ୍ରସିଦ୍ଧ ଯାତ୍ରା ହେଉଛି ସିଂହାପୁର ଯାତ୍ରା । ପ୍ରଭୁ ବର୍ଷକରେ ଥରେ ଏହି ପଣାସଂକ୍ରାନ୍ତି ଦିନ ପାଣିରୁ ବାହାରି ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । କରୋନା କଟକଣା ଭକ୍ତ ଓ ଭଗବାନ ମଧ୍ୟରେ ପାଚେରୀ ସୃଷ୍ଟି କରିଛି । ଆସନ୍ତା କାଲି ପାଳନ ହେବନି ଏହି ଯାତ୍ରା । ଆଜି ଜିଲା ପ୍ରଶାସନ ପକ୍ଷରୁ ଏହି ଅଂଚଳରେ ୧୪୪ ଧାରା ଲାଗୁ କରାଯାଇଛି । ଏବଂ ଭକ୍ତମାନେ ଏଠାକୁ ନ ଆସିବା ପାଇଁ ବାରଣ କରାଯିବା ସହ ବିଭିନ୍ନ ସ୍ଥାନରେ ନୋଟିସ ଲଗାଯାଇଛି । ଏନେଇ ଅଂଚଳ ପ୍ରତି କଡ଼ା ନଜର ରଖିବାକୁ ରସୁଲପୁର ତହସିଲଦାର ଓ କୁଆଖିଆ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି । କେବଳ ବିଧି ରକ୍ଷା ନିମନ୍ତେ ନାରାୟଣ ଗୋସାଇଁଙ୍କ ପୂଜାର୍ଚ୍ଚନା କରାଯିବ ବୋଲି ମନ୍ଦିର ପରିଚାଳକଙ୍କୁ ସୂଚନା ଦିଆଯାଇଛି ।

## ଭୁବନେଶ୍ୱରରୁ ୧୯୧ କରୋନା ପଜିଟିଭ୍

ଭୁବନେଶ୍ୱର, ୧୩।୪(ପି.ଏନ): ରାଜଧାନୀ ଭୁବନେଶ୍ୱରରୁ ମଙ୍ଗଳବାର ଦିନ ଆଉ ୧୯୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ସଂଗରୋଧରୁ ୪୫ ଜଣ ଓ ସ୍ଥାନୀୟ ସଂକ୍ରମଣ ଯୋଗୁଁ ୧୪୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଆଜି ଭୁବନେଶ୍ୱରରେ ୬୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଏଥି ସହିତ ଭୁବନେଶ୍ୱରରେ କରୋନା ସଂକ୍ରମିତ ଲୋକଙ୍କ ସଂଖ୍ୟା ୩୩୮୯୩ ରେ ପହଂଚିଛି ।




ସତ୍ୟମେବ ଜୟତେ

## ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

ଆଜିର ଦିବସ ହେଉ 'କରୋନା' ବିରୋଧରେ ଆମର ବିଜୟ ସଂକଳ୍ପ ଦିବସ । ଆସନ୍ତୁ, 'କରୋନା' ସଂକ୍ରମଣକୁ ପ୍ରତିହତ କରି ଓଡ଼ିଶାର ନବକଳେବରରେ ସାମିଲ ହେବା ।

(ଗଣେଶୀ ଲାଲ)

DADLS-02
15001/13/0002/2122



## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଓଡ଼ିଆ ନୂଆବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ଆସନ୍ତୁ, ଆମେ ସମସ୍ତେ ମିଶି ଏକ ସୁସ୍ଥ, ସୁରକ୍ଷିତ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଏହି ପବିତ୍ର ଦିବସରେ ସଂକଳ୍ପବଦ୍ଧ ଭାବରେ କାର୍ଯ୍ୟ କରିବା ।

ଆପଣମାନଙ୍କୁ ମୋର ଅନୁରୋଧ କରୋନା ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପରାମର୍ଶ ପାଳନ କରନ୍ତୁ । ନିଜକୁ ଓ ନିଜ ପରିବାରକୁ ସୁରକ୍ଷିତ ରଖନ୍ତୁ ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା


DADLS-02
15001/13/0002/2122



## ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ବଡ଼ଚଣା-ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା-ଧର୍ମଶାଳା, ଯାଜପୁର, ଓଡ଼ିଶା



## ପବିତ୍ର ପଣାସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ

ସୌଜନ୍ୟ : ବଳରାମ ସେନା



ପବିତ୍ର ପଣାସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଉପଲକ୍ଷେ କନ୍ଧମାଳବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା

୧. ଶ୍ରୀ ସତ୍ୟନାରାୟଣ ବେହେରା,
ଜାଗ୍ରତ କନ୍ଧମାଳର ପ୍ରତିଷ୍ଠାତା ତଥା ଆଇନଜୀବୀ
୨. ଶ୍ରୀ ରମେଶ ଚନ୍ଦ୍ର ପ୍ରଧାନ, ଜିଲ୍ଲା ସାମ୍ବାଦିକ
୩. ନିରାକାର ଆରଜାଲି
୪. ଶ୍ରୀ କ୍ଷୀରୋଦ କୁମାର ସାହାଣୀ,
ସାଧାରଣ ସମ୍ପାଦକ, ପାଣ ସମାଜ କଲ୍ୟାଣ ସମିତି

ମାସ୍କ ପିନ୍ଧନ୍ତୁ, ଘରେ ରୁହନ୍ତୁ, ସୁସ୍ଥ ରୁହନ୍ତୁ । ମାହମାରୀ କରୋନା ସଂକ୍ରମଣରୁ ନିଜକୁ, ପରିବାରକୁ ତଥା ସମାଜକୁ ସୁରକ୍ଷିତ ରଖନ୍ତୁ



## ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ବାର୍ତ୍ତା

ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ମୁଁ ରାଜ୍ୟବାସୀ ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାର ମହାନ୍ ଐତିହ୍ୟ, ଅନନ୍ୟ ସଂସ୍କୃତି ଓ ସମୃଦ୍ଧ ପରମ୍ପରାର ସ୍ମୃତିକୁ ଉଜ୍ଜୀବିତ କରୁଥିବା ନୂଆ ବର୍ଷ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ମନରେ ଆନନ୍ଦ ଉତ୍ସାହ ଭରିଦେଉ, ଏହାହିଁ ମୋର କାମନା ।

କରୋନା ମହାମାରୀକୁ ମୁକାବିଲା କରି ଏକ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନରେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ମୁଁ ସମସ୍ତଙ୍କର ସହଯୋଗ ଆଶା କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-02
15001/13/0002/2122








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।

## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ



ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି



ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର



ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ଦ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।


**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ଜିଲ୍ଲା ସ୍ତରୀୟ ମୋ ସ୍କୁଲ ଅଭିଯାନ




କେନ୍ଦ୍ରାପଡା : କେନ୍ଦ୍ରାପଡା ପୌରାଞ୍ଚଳସ୍ଥିତ ଇଛାପୁର ହାଇସ୍କୁଲ ପରିସରରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ମୋ ସ୍କୁଲ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୁରାତନ ଛାତ୍ର ଭାବରେ ବିଦ୍ୟାଳୟ ପ୍ରତି ଥିବା ପ୍ରତିବଦ୍ଧତାକୁ ନଭୁଲି ବିଦ୍ୟାଳୟର ବିକାଶ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଏଥିସହିତ ସ୍କୁଲଦିନର ପୁରୁଣାସ୍ମୃତିକୁ ରୋମନ୍ଥନ କରି ଅତୀତର ସେହି ଦିନ ଗୁଡିକ ଅଭୁଲା ସ୍ମୃତି ହୋଇରହିଥିବ ବୋଲି କହିଥିଲେ ଜିଲ୍ଲାପାଳ । ଆମ୍ଭମାନଙ୍କୁ ସମାଜରେ ପ୍ରତିଷ୍ଠା ଦେଇଥିବା ସେହି ସ୍କୁଲର ସର୍ବାଙ୍ଗିନ ବିକାଶ ପାଇଁ ସମ୍ମିଳିତ ଭାବେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ ଜିଲ୍ଲାପାଳ ଶ୍ରୀ ଋତୁରାଜ । ଏହି ଅବସରରେ ଜିଲ୍ଲାର ବିଭିନ୍ନ ହାଇସ୍କୁଲର "ମୋ ସ୍କୁଲ ଅଭିଯାନ"ର ପୁରାତନ ଛାତ୍ରମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ଧନ୍ୟବାଦ ପତ୍ର ମୁଖ୍ୟ ଅତିଥି ସେମାନଙ୍କୁ ପ୍ରଦାନ କରିଥିଲେ । ଜିଲ୍ଲା ବିଜ୍ଞାନ ପରିଦର୍ଶକ ପୀତବାସ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ମୋ ସ୍କୁଲ ଅଭିଯାନର ସଂଯୋଜକ ନିଶିଥ କୁମାର ବାରିକ ମୋ ସ୍କୁଲ ଅଭିଯାନର ଲକ୍ଷ୍ୟ, ଉଦେଶ୍ୟ ଓ ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଇଛାପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆନନ୍ଦପୁର ପୌରାଞ୍ଚଳରେ ଜଳ ଯୋଗାଣ ଅବ୍ୟବସ୍ଥା, ସାଧାରଣରେ ଅସନ୍ତୋଷ

ଆନନ୍ଦପୁର: ଆନନ୍ଦପୁର ପୌରାଞ୍ଚଳର ୩,୪,୫ ଓ ୬ ନଂ ୱାର୍ଡରେ ଜଳ ଯୋଗାଣରେ ଘୋର ଅବ୍ୟବସ୍ଥା ହେଉଥିବାରୁ ଅଂଚଳବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି । ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଲୋକମାନେ ପାଣି ଉପରେ ନିର୍ଭର କରୁଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାଣି ସ୍ୱଳ୍ପ ଧାରରେ ଆସୁଥିବାରୁ ଲୋକମାନେ ନାହିଁ ନଥିବା ହଇରାଣ ହରକତ ହେବା ସହ ପାଣି ପାଇଁ ତହଳ ବିକଳ ହେଉଛନ୍ତି । ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତ୍ୟେହ ଦିନ ଲୋକମାନଙ୍କୁ ନୂତନ ପାଣି ସଂଯୋଗ ଦେଉଥିବା ବେଳେ ପାଣିର ଆବଶ୍ୟକତା ମେଣ୍ଟାଇବା ପାଇଁ କୌଣସି ନୂତନ ପମ୍ପ ହାଉସ କରାଯାଉନଥିବାରୁ ଦିନକୁ ଦିନ ପାଣିର ସମସ୍ୟା ଉତ୍କଟ ରୂପ ଧାରଣ କରୁଛି । ଆନନ୍ଦପୁର ଜନସ୍ୱାସ୍ଥ୍ୟ ବିଭାଗରେ କୌଣସି ସ୍ଥାୟୀ ଯନ୍ତ୍ରୀ ନଥିବାରୁ ଲୋକମାନଙ୍କର ଏହି ସମସ୍ୟା ପ୍ରତି ଧ୍ୟାନ ଦିଆଯାଉନଥିବା ସାଧାରଣରେ ଅଭିଯୋଗ ହେବା ସହ ତୁରନ୍ତ ଏକ ସ୍ଥାୟୀ ଯନ୍ତ୍ରୀଙ୍କୁ ନିଯୁକ୍ତି ସହ ନୂତନ ପମ୍ପ ହାଉସ ନିର୍ମାଣ କରି ଲୋକମାନଙ୍କ ସମସ୍ୟା ଦୂର କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି

# ଚୈତ୍ର ସରିନି, କଣାସ ଅଂଚଳରେ ପାନୀୟ ଜଳ ସଙ୍କଟ

କଣାସ: ପୁରୀ ଜିଲ୍ଲାର ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକର ୨୮ଟି ଗ୍ରାମପଚାଂୟତର ୧୩୯ଟି ରାଜସ୍ୱ ଗ୍ରାମ ୧୦୮ପଡା ଗ୍ରାମରେ ବର୍ଷସାରା ପାନୀୟଜଳ ସମସ୍ୟା ଲାଗିରହୁଥିବା ବେଳେ ଏହି ସମସ୍ୟା ରୌଦ୍ରତାପ ସମୟରେ ଏପରି ଉଗ୍ରରୂପ ଧାରଣ କରେ ଯେ, ଜିଲ୍ଲା ଓ ବ୍ଲକ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ହୋଇପଡେ । ବର୍ତମାନ ପ୍ରତ୍ୟେକ ଗ୍ରାମରେ ପାନୀୟଜଳ ସମସ୍ୟା ଉତ୍କଟ ହୋଇପଡିଛି । ଭୂତଳ ଜଳ ସ୍ତର କ୍ରମଶଃ ହ୍ରାସ ପାଉଥିବାରୁ ନଳକୂପ ଓ ଗଭିରକୂପମାନ କାର୍ଯ୍ୟ କରୁନାହିଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ଗ୍ରାମକୁ ଅପ୍ରେଲ ୨ ତାରିଖ ଠାରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ପାନୀୟଜଳ ଯୋଗାଇବାର ବ୍ୟବସ୍ଥା ଥିଲେ ମଧ୍ୟ ଇତିମଧ୍ୟରେ ୧୨ ଦିନ ଅତିବାହିତ ହୋଇଯାଇଥିଲେ ମଧ୍ୟ ପ୍ରତ୍ୟେକ ଗ୍ରାମକୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ହୋଇପାରି ନଥିବା ଜଣାପଡିଛି । ପାନୀୟଜଳ ସମସ୍ୟା ଯୋଗୁଁ ଅନେକ ଗ୍ରାମରେ ଲୋକେ ଦୂଷିତ ଜଳ ବ୍ୟବହାର କରି ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି । କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମନ୍ଦାରବସ୍ତ, ବୀରକେଶରପୁର, ସାହୁପଡା, ଗଡିଶାଗୋଦା, ନନ୍ଦିଗୋଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିଦିନ ଝାଡାବାନ୍ତି ରୋଗୀ ଚିକିତ୍ସା ପାଇଁ ଆସୁଥିବା ଜଣାପଡିଛି । ନିତ୍ୟ ବ୍ୟବହାର ପାଇଁ ନଦୀ, ନାଳ ଓ ଗ୍ରାମ୍ୟ ପୋଖରୀ ଜଳ ପ୍ରଦୂଷିତ ହୋଇଯାଇଥିବାରୁ ପ୍ରତି ଗ୍ରାମରେ ଚର୍ମରୋଗୀ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଦିନକୁ ଦିନ ରୌଦ୍ରତାପ ବୃଦ୍ଧି ପାଉଥିଲେ ମଧ୍ୟ ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ହେଉଥିବା ଜଳଛତ୍ର ବର୍ତମାନ ସୁଦ୍ଧା ଖୋଲା ଯାଇନଥିବା ଜଣାପଡିଛି । ବିଡିଓ ସରପଚଂ ମାନଙ୍କୁ ଡାକି ଏକ ବୈଠକ କରି ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ଯୋଗାଇବା ନିଜ ନିଜ ପଚାଂୟତର ଛକ ଜାଗାମାନଙ୍କରେ ଜଳଛତ୍ର ଖୋଲିବା କରୋନାର ଦ୍ୱିତୀୟ ଲହରି ଦୃତଗତିରେ ବଢୁଥିବାରୁ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ ପାଇବାର ୧୭ ଦିନ ବିତିଯାଇଥିଲେ ମଧ୍ୟ ଅନେକ ସରପଂଚ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ନ ଥିବା ଏବଂ ନିଜ ନିଜ ପଚାଂୟତରେ ଜଳଛତ୍ର ଖୋଲି ନ ଥିବା, ଏପରିକି କରୋନା ନିୟମକୁ କଡ଼ାକଡ଼ି କରିନଥିବା ଜଣାପଡିଛି । ଅନ୍ୟପକ୍ଷରେ ଏ ସମ୍ପର୍କରେ ବିଡିଓ ଲୋଚନ ଦାସ, ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷ ଜନକ ଉତର ଦେଇପାରି ନଥିଲେ ।

# ଅଳଙ୍କାର ଦୋକାନରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଓ ରୁପା ଅଳଙ୍କାର ଚୋରୀ ହୋଇଥିବାର ଅଭିଯୋଗ

ବାରିପଦା: ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା । ସହରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ପ୍ରାୟ ୩ ଶହ ଫୁଟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ବାସଭବନଠାରୁ ପ୍ରାୟ ୪ ଶହ ଫୁଟ ଦୂର ତଥା ମୁଖ୍ୟ ଡ଼ାକ ଘର ସମ୍ମୁଖ ସଦାସର୍ବଦା ଚଳଞ୍ଚଳ ଓ ବ୍ୟବସ୍ତ ବହୁଳ ବିଜୁ ଗୋଲେଇ-ଭଞ୍ଜପୁର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା କେପିଡ଼ି ସନ୍ସ ଜୁଏଲାରସରୁ ଗତ ଏପ୍ରିଲ ୧୧ ରବିବାର ରାତିରେ ୨୦ରୁ ୨୫ କି.ଗ୍ରା ଓଜନର ରୁପା ଓ ୫୦ରୁ ୧୦୦ ଗ୍ରାମ ଓଜନର ସୁନା ଅଳଙ୍କାର ଚୋରି ହୋଇଥିବାର ଦୋକାନର ମାଲିକ ତଥା କୁଳିଅଣା ଥାନା ଅନ୍ତର୍ଗତ ଗାଙ୍ଗରାଜ ଗ୍ରାମର କାଳିପଦ ଦେଙ୍କ ପୁଅ କିଶୋର କୁମାର ଦେ(୩୪) ବାରିପଦା ଟାଉନ ଥାନାରେ କରାଥିବା ଅଭିଯୋଗରୁ ଜଣାପଡ଼ିଛି । ଥାନାରେ ଶ୍ରୀଦେ କରିଥିବା ଅଭିଯୋଗ ଆଧାରରେ ଗତ କାଲି ରାତି ପ୍ରାୟ ସାଢ଼େ ୧୨ରୁ ପ୍ରାତଃ ୫ ମଧ୍ୟରେ କେତେକ ଅଜଣା ଚୋର ଦଉଡ଼ି ସାହାର୍ଯ୍ୟରେ ଦୋକାନର ଛାତ ଉପରକୁ ଉଠି ଛାତରେ ଲାଗିଥିବା କବାଟକୁ ଭାଙ୍ଗି ତଳକୁ ଓହ୍ଲାଇ ଆସିଥିଲେ । ଏହାପରେ ତଳ ମହଲାକୁ ପ୍ରବେଶ କରିବା ନିମନ୍ତେ ରହିଥିବା ଲୁହା ଗେଟ ଓ ଦୋକାନର ଲୁହା ଗ୍ରୀଲକୁ ଗ୍ୟାସ କଟ୍ଟରରେ କାଟି ଦୋକାନ ଭିତରକୁ ପଶିଥିଲେ । ସେହିପରି ଦୋକାନ ଭିତରେ ଥିବା ଆଇରନ ଲକ୍କରକୁ ମଧ୍ୟ ଗ୍ୟାସ କଟ୍ଟରରେ କାଟି ନଷ୍ଟ କରି ଦେଇଥିଲେ ମଧ୍ୟ ଭିତରେ ରହିଥିବା ଅଳଙ୍କାର ଆଦିକୁ ନେଇ ପାରିନଥିଲେ । କେବଳ ଲକ୍କର ବାହାରେ ରହିଥିବା ୨୦ରୁ ୨୫ କି.ଗ୍ରାମ ଓଜନର ରୁପା ଓ ୫୦ରୁ ୧୦୦ ଗ୍ରାମ ଭିତରେ ଥିବା ସୁନା ଅଳଙ୍କାରଗୁଡ଼ିକୁ ଚୋରୀ କରି ନେଇଯିବାରେ ସଫଳ ହୋଇଥିଲେ । ମାତ୍ର ଛୋରମାନେ ଯିବା ସମୟରେ ଚୋରୀରେ ବ୍ୟବହୃତ ୨ଟି ଗ୍ୟାସ ସିଲିଣ୍ଡର, ଗ୍ୟାସ କଟ୍ଟର, ଲୁହା ଶାବଳ, ସ୍କ୍ରୁଡ୍ରାଇଭର ଓ ଦଉଡ଼ି ଆଦିକୁ ଦୋକାନ ଭିତରେ ଛାଡ଼ି ଦେଇ ଯାଇଥିବା ବେଳେ ଦୋକାନରେ ଲାଗିଥିବା ସି ସି ଟିଭି କ୍ୟାମେରାକୁ ମଧ୍ୟ ଭାଙ୍ଗି ନଷ୍ଟ କରିଦେଇ ଯାଇଥିବାର ଦୋକାନ ମାଲିକ ଶ୍ରୀଦେ ଥାନାରେ ଅଭିଯୋଗ କରିଛନ୍ତି । ଏହାପରେ ବାରିପଦା ଟାଉନ ଥାନା ପୁଲିସ ପକ୍ଷରୁ ଆଇପିସି ଧାରା ୪୫୭, ୩୮୦, ୪୨୭ ଅନୁସାରେ ୩୬୪/ ୧୨.୦୪.୨୦୨୧ରେ ଏକ ମାମଲା ରୁଜୁ କରିବା ସଂଗେସଂଗେ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ସଦଳବଳେ ଘଟଣାସ୍ଥଳରେ ପହଁଚି ସନ୍ଧାନୀ କୁକୁର ଓ ସାଇଂଟିଫିକ୍ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଥିଲେ । ତେବେ କେପିଡ଼ି ସନ୍ସ ଜୁଏଲାରସ ଦୋକାନଠାରୁ ପ୍ରାୟ ୩୦/୪୦ ଫୁଟ ଦୂରରେ ରହିଛି କୋଲକାତା ବସଷ୍ଟାଣ୍ଡ । ବସଷ୍ଟାଣ୍ଡରେ ଭୁବନେଶ୍ୱରରୁ ରାଇରଙ୍ଗପୁର ଆସୁଥିବା ବିଭିନ୍ନ ଯାତ୍ରୀବାହୀ ଘରୋଇ ବସ ଆଦି ଆସି ଛିଡ଼ା ହୋଇଥାନ୍ତି ଏବଂ ଉକ୍ତ ବସରେ ଆସିଥିବା ଯାତ୍ରୀମାନେ ମଧ୍ୟ ଓହ୍ଲେଇଥାନ୍ତି । ଅନ୍ୟ କେତେକ ଯାତ୍ରୀ ଓ ବସ କର୍ମଚାରୀମାନେ ମଧ୍ୟ ସେଠାରେ ଖୋଲା ଥିବା ଚା ଦୋକାନରେ ଚା ପିଉଥାନ୍ତି । ସେହିପରି ଉକ୍ତ ରାସ୍ତାରେ ବାରିପଦା ମୁଖ୍ୟ ଡ଼ାକଘର, ଟେଲିଫୋନ କାର୍ଯ୍ୟାଳୟ, ଏମସିସି ବ୍ୟାଙ୍କ, ପୂର୍ତ୍ତ ଓ ନିର୍ମାଣ ବିଭାଗ କାର୍ଯ୍ୟାଳୟ, କୋର୍ଟ ଓ କଚେରୀ, ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଏସପିଙ୍କ ବାସଭବନ ସହିତ ଏଟିଏମ ଓ ପେଟ୍ରୋଲ ଟାଙ୍କି ଆଦି ରହିଥିବା କାରଣରୁ ରାସ୍ତାଟି ସଦା ସର୍ବଦା ଚଳଚଂଚଳ ଓ ବ୍ୟସ୍ତ ବହୁଳ ରାସ୍ତା ହୋଇଥାଏ । ଏହି ଭଳି ଗୁରୁତ୍ୱପୂର୍ଣ୍ଣ ରାସ୍ତା ପାର୍ଶ୍ୱରେ ଥିବା କେପିଡ଼ି ସନ୍ସ ଜୁଏଲାରସରୁ ଚୋରୀ ହେବା ଘଟଣାରେ ଜନସାଧାରଣଙ୍କୁ ବିସ୍ମିତ ଓ ଆଶ୍ଚର୍ଯ୍ୟ ଚକିତ କରାଇ ଦେଇଛି ।

## ଲୋଡିଂ ଟୋକନ୍ ବାଟମାରଣା, ଟ୍ରକ୍ ମାଲିକ ସଂଘ ସଭାପତିଙ୍କୁ ଘେରାଉ

ଆନନ୍ଦପୁର: ସମଗ୍ର ଜିଲ୍ଲାର ସାଧାରଣ ଟ୍ରକ୍ ମାଲିକମାନଙ୍କ ଦାବି ଓ ଆନ୍ଦୋଳନ ଆଗରେ ଶେଷରେ ସଂଘ ମୁଣ୍ଡ ନୁଆଁଇ ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୁହାପଥର ଖଣିରେ ଲୁହାପଥର ପରିବହନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ପଦକ୍ଷେପ ନେଇଥିଲେ । ମେମ୍ବରସିପ୍ ସିରିଏଲ୍ ଅନୁଯାୟୀ ଆଜି ଠାରୁ ଲୋଡିଂ ଆରମ୍ଭ ହୋଇଛି । ମାତ୍ର ପ୍ରଥମ ଦିନରେ ପ୍ରାୟ ୨୦ପ୍ରତିଶତ ଟୋକନ୍ ବାଟମାରଣା ହୋଇଥିବା ଜଣାପଡିବା ପରେ ଟ୍ରକ୍ ମାଲିକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି । ଆନନ୍ଦପୁର ଅଂଚଳର ଶତାଧିକ ଉତ୍ତେଜିତ ଟ୍ରକ୍ ମାଲିକ ସୋମବାର ଦିନ ସଂଘ ସଭାପତି ରମାକାନ୍ତ ନାୟକଙ୍କୁ ତାଙ୍କ ବାସଭବନରେ ପହଂଚି ଘଣ୍ଟା ଘଣ୍ଟା ଧରି ଘେରାଉ କରିଥିଲେ । ସେମାନେ ଏ ନେଇ କୈଫୟତ ତଲବ ମଧ୍ୟ କରିଥିଲେ । ସଂଘର ସଦସ୍ୟ କ୍ଷୀରୋଦ ସାହୁ, ପ୍ରତାପ ସାହୁଙ୍କ ନେତୃତ୍ୱରେ ଟ୍ରକ୍ ମାଲିକମାନେ ଆଜି ପ୍ରୋଗ୍ରାମରୁ ପ୍ରାୟ ୫୦୦ ଟୋକନ୍ କୁଆଡେ ଉଭାନ ହୋଇଗଲା ତାର କାରଣ ଜାଣିବାକୁ ଚାହିଁଥିଲେ । ସଂଘ ସଭାପତି ଶ୍ରୀ ନାୟକ ଏ ନେଇ ନିଜର ଅଜ୍ଞତା ପ୍ରକାଶ କରିବା ସହ ଫୋନ ମାଧ୍ୟମରେ ଘଟଣା ବୁଝୁଛନ୍ତି ବୋଲି କହିଥିଲେ । ପ୍ରଥମ ଦିନରୁ ଯଦି ଏହିଭଳି ଅରାଜକତା ଓ ଦୁର୍ନୀତି ଆରମ୍ଭ ହେଲାଣି ତା ହେଲେ ଆଗକୁ ଏହି ମେମ୍ବରସିପ୍ ଲୋଡିଂ ବ୍ୟବସ୍ଥା ପ୍ରହସନରେ ପରିଣତ ହେବା ବୋଲି ମାଲିକମାନେ ଆଶଙ୍କା ପ୍ରକାଶ କରି ପ୍ରତିବାଦ ଜଣାଇଛନ୍ତି । ଆଗକୁ ସଂଘ ଏଥିପ୍ରତି ଦୃଷ୍ଟି ନ ଦେଲେ ଖୁବ୍‌ଶୀଘ୍ର ଆନ୍ଦୋଳନ ଜୋରଦାର ହେବ ବୋଲି ଉତ୍ୟକ୍ତ ମାଲିକମାନେ ଚେତାବନୀ ଦେଇଛନ୍ତି ।

# ବଢୁଛି କାଠ ମାଫିଆଙ୍କ ପ୍ରାଦୁର୍ଭାବ, ୫ ବର୍ଷ ହେଲା ବିଟ୍ ହାଉସ୍‌ରେ ତାଲା

ଆନନ୍ଦପୁର: ଆନନ୍ଦପୁର ବନଖଣ୍ଡ ଦେଓଗାଁ ରେରେ ବଢୁଛି କାଠ ମାଫିଆଙ୍କ ପ୍ରାଦୁର୍ଭାବ । ପ୍ରତିଦିନ ବିଭିନ୍ନ ଗାଡିରେ କାଠ ଚୋଲା ଚାଲାଣ ହେଉଛି । ହେଲେ ଏସବୁ ରୋକିବା ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଏହି ରେର ଦେଓଗାଁ-ରେମାଳ ରାସ୍ତାକଡରେ ଥିବା ବରିପାଳ ବିଟ୍ ହାଉସ୍‌ରେ ୫ ବର୍ଷ ହେଲା ତାଲା ଝୁଲୁଥିବାରୁ ଏହା ମାଫିଆଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ପାଲଟିଥିବା କୁହାଯାଉଛି । ଦେଓଗାଁ ରେ୍ ଅଂଚଳରୁ ପ୍ରତିଦିନ ପିକ୍‌ଅପ୍, ଟ୍ରାକ୍ଟର, କାର, ବାଇକ୍ ଏବଂ କାଇକେଲରେ କାଠ ଚୋଲା ଚାଲାଣ ହେଉଛି । ଜଙ୍ଗଲରୁ ଗୋରୁ ସହାୟତାରେ କାଠଗଣ୍ଡି ଗୁଡିକୁ ଅଣାଯିବା ପରେ ଗାଡିରେ ବିଭିନ୍ନ ସ୍ଥାନକୁ ପଠାଯାଉଛି । କେତେକ କାଠ ଗାଡି ଆଗରେ ମାରଣାସ୍ତ୍ର ଧରି ମାଫିଆମାନେ ଯାଉଥିବା ଜଣାପଡିଛି । ଦେଓଗାଁ କୁଶେଇ ବ୍ରିଜ୍ ଦେଇ ଯାଜପୁର, କେନ୍ଦ୍ରାପଡା, କଟକ, ଭଦ୍ରକର ବିଭିନ୍ନ ମିଲ, ଟ୍ରକ୍ ବଡି ଗ୍ୟାରେଜ ଓ ବିଭିନ୍ନ ଠିକା ସଂସ୍ଥାକୁ କାଠ ପଠା ଯାଉଛି । ଦେଓଗାଁ ସୀମାନ୍ତ ଯାଜପୁର ଜିଲ୍‌ଲା ଉଚ୍ଚବାଲି ନୂଆସାହିରେ ଚାଲିଥିବା ଏକ ବେଆଇନ୍ କାଠ ମିଲ୍‌କୁ ପ୍ରତିଦିନ କାଠ ଚାଲାଣ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି । କିଛିମାସ ତଳେ ଏସ୍‌ଆଇ ବିଶ୍ୱଜିତ ବେହେରାଙ୍କ ଘନଘନ ଚଢାଉ ଯୋଗୁଁ କାଠ ଚୋରା ଚାଲାଣ ହ୍ରାସ ପାଇଥିଲା ବେଳେ ତିନୋଟି ଗ୍ରାମରେ ଚଢାଉ କରାଯାଇ ବିପୁଳ ପରିମାଣରେ ଚୋରା କାଠ ଜବତ କରାଯାଇଥିଲା । ଏହି ଅଂଚଳରୁ ଏସ୍‌ଆଇ ବିଶ୍ୱଜିତଙ୍କ ବଦଳି ପରେ କାଠ ମାଫିଆମାନେ ପୁଣି ସକ୍ରିୟ ହୋଇଛନ୍ତି । ଦେଓଗାଁ ରେ ବାଲିପାଳ ଗ୍ରାମରେ ପ୍ରତିଦିନ ସକାଳୁ ଚୋରା କାଠ ହାଟ ବସୁଛି । ଏଠାରେ ଖୋଲାଖୋଲି ଭାବେ କାଠ କିଣାବିକା ହେଉଛି । ଏ ନେଇ ସମ୍ବାଦରେ ପ୍ରକାଶ ପାଇବା ପରେ ଏକ ବିଟ୍ ହାଉସ୍ ପ୍ରତିଷ୍ଠା କରାଯାଇଛି । ୫ ବର୍ଷ ହେଲା ଏଠାରେ କୌଣସି କର୍ମଚାରୀ ନଥିବାବେଳେ ବିଟ୍ ହାଉସ୍‌ରେ ତାଲା ଝୁଲୁଛି । ଫଳରେ ସନ୍ଧ୍ୟା ହେଲେ ଏଠାରେ ଅସାମାଜିକଙ୍କ ଆଡ୍ଡା ଜମୁଛି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ମୟୂରଭଞ୍ଜ: ୧୨ ଦିନରେ ୨୯୦ ପଜିଟିଭ ଚିହ୍ନଟ

ବାରିପଦା : ଆମେ ସଚେତନ ଓ ସତର୍କ ରହିଲେ କୋଭିଡ଼-୧୯ ଭୂତାଣୁ ଆମକୁ କଦାପି ହରାଇ ପାରିବ ନାହିଁ । ମାସ୍କ ପିନ୍ଧିବା ସହ କୋଭିଡ଼ ୧୯ ମାର୍ଗଦର୍ଶୀକାକୁ କଡ଼ାକଡ଼ି ପାଳନ କରିବା ହେଉଛି ବର୍ତ୍ତମାନ ପରିସ୍ଥିତିରେ ଏକ ଆହ୍ୱାନ ପାଲଟିଯାଇଛି । ଏଣୁ ସତର୍କ ଓ ସଚେତନ ହୋଇ ବିନା ଲକଡାଉନରେ କରୋନାକୁ ପରାସ୍ତ କରି ଉଦାହରଣ ପାଲଟିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ଓଡ଼ିଶାବାସୀଙ୍କୁ ବାର୍ତା ଦେଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାରେ ଏହାର କୌଣସି ପ୍ରଭାବ ପକାଇ ପାରି ନାହିଁ । ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସପି ଥରେ ମାତ୍ର ମିଳିତ ଭାବେ ସ୍ୱତନ୍ତ୍ର ଡ୍ରାଇଭରେ ବାହାରି କଚେରୀ ମାର୍କେଟ ସହିତ କେତେକ ବ୍ୟବସାୟ ପ୍ରତିଷ୍ଠାନ୍‌ରୁ ଯାଇ ମାସ୍କ ପିନ୍ଧିବା, ଶାରୀରିକ ଦୂରତା ରକ୍ଷା କରିବା, ସାନିଟାଇଜର ବ୍ୟବହାର ଓ ବାରମ୍ବାର ସାବୁନରେ ହାତ ଧୁଇବା ନିମନ୍ତେ ପରାମର୍ଶ ଦେଇଥିଲେ ମଧ୍ୟ ଜନସାଧାରଣରେ ଏହା ପ୍ରଭାବହୀନ ସାବ୍ୟସ୍ତ ହୋଇଛି । ହାଟ ବଜାର, ହସପିଟାଲ, ଘରୋଇ କ୍ଲିନିକ ଆଦି ସବୁଠି କରୋନା କଟକଣାକୁ ଖୋଲମ ଖୋଲା ଉଲ୍ଲଙ୍ଘନ କରାଯାଉଥିବାର ପରିଲକ୍ଷିତ ହୋଇଛି । ଏହି ସମୟରେ ମୟୂରଭଞ୍ଜ ଜିଲ୍ଲାରେ ବିଶ୍ୱମହାମାରୀ କରୋନା କାୟାବିସ୍ତାର କରିବା ଆରମ୍ଭ କରିଦେଇଛି । ଚଳିତ ଏପ୍ରିଲ ପହିଲାଠାରୁ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ଓ ୧୨ ଦିନରେ ୨୯୦ ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ଓଡ଼ିଶାରୁ ଚିହ୍ନଟ ହୋଇଥିବା ୧୭୪୧ କରୋନା ପଜିଟିଭ କେଶ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ୩୯ ଜଣ କରୋନା ଆକ୍ରାନ୍ତ ରହିଛନ୍ତି ଏବଂ ଜିଲ୍ଲାରେ ସଂକ୍ରମିତମାନଙ୍କ ସଂଖ୍ୟା ୧୪,୭୧୫ରେ ପହଁଚିଛି । ସେହିପରି ଏପ୍ରିଲ ୧୧ ପର୍ଯ୍ୟନ୍ତ ଜିଲ୍ଲାରୁ ୧୪,୩୭୪ ସୁସ୍ଥ ହୋଇ ଫେରିଥିବା ସମୟରେ ଆଜି ସୁଦ୍ଧା ୨୪୯ ଜଣ ସକ୍ରିୟ ଥାଇ ହୋମ ଆଇସୋଲେସନରେ ଚିକିତ୍ସା ହେଉଛନ୍ତି ଏବଂ ଜିଲ୍ଲାରୁ କରୋନା ଭୂତାଣୁ ସଂକ୍ରମିତ ଥାଇ ଚିକିତ୍ସାଧୀନ ଅବସ୍ଥାରେ ମୋଟ ୯୨ ଜଣଙ୍କର ମୃତ୍ୟୁ ହୋଇଥିବାର ଜଣାପଡ଼ିଛି । ଏଣୁ, ବିଶ୍ୱ ମହାମାରୀ କରୋନାର ସଫଳ ମୁକାବିଲା କ୍ଷେତ୍ରରେ ମୟୂରଭଞ୍ଜ ପ୍ରଶାସନ ଯାନବାହାନ ଯାଂଚକୁ ଯେତିକି ଗୁରୁତ୍ୱ ଦେଉଛି, ଠିକ୍ ସେପରି ଅମାନିଆମାନଙ୍କୁ ସାବାଡ଼ କରାଇବା ନିମନ୍ତେ ଦୃଢ଼ ପଦକ୍ଷେପ ଗ୍ରହଣ କଲେ ଜିଲ୍ଲା ତଥା ଜିଲ୍ଲାବାସୀଙ୍କ ବୃହତ ସ୍ୱାର୍ଥ ସାଧନରେ ଆସି ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# କୋବିଡ୍ ପରିଚାଳନା ନେଇ ପ୍ରମୁଖ ଶାସନ ସଚିବଙ୍କ ସମୀକ୍ଷା

ଭଦ୍ରକ: ସଂପ୍ରତି କୋଭିଡ଼ ସଂକ୍ରମର ଦୃତ ଗତିରେ ବୃଦ୍ଧି ପାଉଥିବା କାରଣରୁ ଭଦ୍ରକ ଜିଲ୍ଲାର କୋଭିଡ଼ ପରିଚାଳନା ନେଇ ଓଡ଼ିଶା ସରକାରଙ୍କ ପକ୍ଷରୁ ଭଦ୍ରକ ଜିଲ୍ଲା କୋଭିଡ଼ ପରିଚାଳନା ଦାୟିତ୍ୱରେ ଥିବା ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢୀ ଭଦ୍ରକ ଜିଲ୍ଲା ଗସ୍ତକରି ଏହାର ସମୀକ୍ଷା କରିଛନ୍ତି । ସାଲନ୍ଦୀ ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶ୍ରୀ ପାଢୀ ଜିଲ୍ଲାରେ କୋଭିଡ଼ ସଂକ୍ରମଣ ବୃଦ୍ଧି ପାଉଥିବା ଯୋଗୁ କୋଭିଡ଼ ସେଂଟରକୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ବ୍ୟତୀତ ଯେଉଁ ସବୁ ଅଂଚଳରେ କୋଭିଡ଼ ପଜିଟିଭ ଚିହ୍ନଟ ହୋଇଛି, ଯେଉଁ ସବୁ ଅଂଚଳକୁ କଂଟେନମେଂଟ ଜୋନ ହୋଇଛି, ସେହି ସବୁ ଅଂଚଳରେ କନ୍ଟାକ୍ଟ ଟ୍ରେସିଂ ଓ ଘରକୁ ଘର ବୁଲି ସର୍ଭେ କରିବାକୁ ଶ୍ରୀଯୁକ୍ତ ପାଢୀ ନିର୍ଦ୍ଦେଶ ଦେଇଥିଲେ । କୋଭିଡ଼କୁ ମୁକାବିଲା କରିବା କ୍ଷେତ୍ରରେ ସମ୍ମୁଖ ଭାଗର କୋଭିଡ଼ ଯୋଦ୍ଧାମାନେ ସଦାସର୍ବଦା ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜିଲ୍ଲାପାଳ ଡ. ଜ୍ଞାନ ଗତକାଲି ସୁଦ୍ଧା କୋଭିଡ଼ ଆକ୍ରାନ୍ତଙ୍କ ସବିଶେଷ ବିବରଣୀ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଥିଲେ । ଗତକାଲି ସୁଦ୍ଧା ଜିଲ୍ଲାରେ ଆଉ ୨୪ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାହାଙ୍କୁ ମିଶାଇ ଏବେ ଜିଲ୍ଲାରେ ମୋଟ ୯୬ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରେ ଭଦ୍ରକ ବ୍ଲକ ଗେଲପୁର ପଂଚାୟତ ନାରାୟଣପୁର ଗ୍ରାମର ଜଣେ ଆକ୍ରାନ୍ତ ଭୁବନେଶ୍ୱରର ହାଇଟେକ୍ ମେଡ଼ିକାଲରୁ ଚିହ୍ନଟ ହୋଇଥିବା ବେଳେ ବାସୁଦେବପୁର ବ୍ଲକର ବ୍ରାହ୍ମଣୀଗାଁରୁ ଜଣେ, ଗୁଆଗଡିଆ ପଂଚାୟତ ଚିରୋଲ ଗ୍ରାମରୁ ଜଣେ, ଭଦ୍ରକ ବ୍ଲକ ବଣିଆ ପଂଚାୟତର ସାବରଙ୍ଗ ଗ୍ରାମରୁ ୧୫ଜଣ, ଏରେଇଁ କଂଟାପଡ଼ା ଗ୍ରାମରୁ ଜଣେ, ଚରମ୍ପାରୁ ଜଣେ, ଆରଡ଼ିଛକରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଂଚାୟତର ବିଶୋଳ ଗ୍ରାମରୁ ଜଣେ, ବନ୍ତ ବ୍ଲକ ବିଟିପୁର ପଂଚାୟତର ଗଦାସାହି ଗ୍ରାମରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସମସ୍ତ ଚିହ୍ନଟ ଅଂଚଳ ଉପରେ ପ୍ରଶାସନିକ ନଜର ରଖାଯିବା ସହିତ ବାହାର ଅଂଚଳରୁ ଭଦ୍ରକକୁ ଆସୁଥିବା ଲୋକମାନଙ୍କ ଉପରେ ମଧ୍ୟ ନଜର ରଖାଯାଇଥିବା ଜିଲ୍ଲାପାଳ ଡ. ଦାସ ସୂଚନା ଦେଇଥିଲେ । ଜିଲ୍ଲାର ସ୍ୱାସ୍ଥ୍ୟକର୍ମୀ, ଆଶା ଦିଦିମାନେ ଘରକୁ ଘର ବୁଲି ସର୍ଭେ କରୁଛନ୍ତି ବୋଲି ସୂଚନା ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିବା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଚରଣସିଂ ମୀନା ଜିଲ୍ଲାରେ ମାସ୍କ ଓ ସାମାଜିକ ଦୂରତା ରକ୍ଷା କରାଯିବା ନେଇ ପୁଲିସ ପକ୍ଷରୁ ବ୍ୟାପକ ଚଢଉ ହେଉଥିବା ସୂଚନା ଦେଇଥିଲେ । ପୁଲିସ ଅଧିକାରୀମାନେ ଭିଡ଼ ଅଂଚଳ ତଥା ବଡ ବଡ ଦୋକାନ, ମଲ ମାନଙ୍କରେ ଅତର୍କିତ ଚଢଉ କରୁଥିବା ସୂଚନା ଦେଇଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ ପାତ୍ର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶିବାଶିଷ ମହାରଣା ପ୍ରମୁଖ ଯୋଗ ଦେଇଥିଲେ ।

## ପାଣି ପମ୍ପ ଅଚଳ ହେବାରୁ ଲୋକେ ହନ୍ତସନ୍ତ

ଆନନ୍ଦପୁର:କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ କେଶଦୁରାପାଳରେ ୭ଦିନ ହେବ ପମ୍ପ ହାଉସ ଅଂଚଳ ହୋଇଥିବା ବେଳେ ଏହାର ମରାମତି କରାଯାଉ ନାହିଁ । ଫଳରେ ପାଣି ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏହି ପମ୍ପ ହାଉସ ଉପରେ କେଶଦୁରାପାଳର ୧୦୦୦ରୁ ଉର୍ଦ୍ଧ୍ୱ ଲୋକେ ନିର୍ଭର କରିଥାନ୍ତି । ପମ୍ପ ହାଉସ୍‌ରେ ସମସ୍ୟା ସୃଷ୍ଟି ହୋଇଥିବାରୁ ସପ୍ତାହ ହେବ ଜଳ ଯୋଗାଣ ବନ୍ଦ ରହିଛି । ମହିଳାମାନେ ନିକଟସ୍ଥ ରେମାଳ ନଦୀରୁ ପାଣି ଆଣିବାକୁ ଯାଉଥିବା ଦେଖିବାକୁ ମିଳିଛି । ପୁରୁଷମାନେ ଗରା ଓ ବୋତଲ ଧରି ପ୍ରଚଣ୍ଡ ଖରାରେ ପାଣି ଲାଗି ହନ୍ତସନ୍ତ ହେଉଛନ୍ତି । ଏ ନେଇ ସରପଂଚ ଓ ପଂଚାୟତ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରୁ ନାହିଁ । ଜିଲ୍ଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ବି.ବି.କଲେଜ ବାଇଗଣବାଡିଆ ଆଲୁମିନି ଆସୋସିଏସନର ଦ୍ୱିତୀୟ ବୈଠକରେ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା


ବାରିପଦା: ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅନ୍ତର୍ଗତ ବାଇଗଣବାଡିଆସ୍ଥିତ ବି ବି ମହାବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଆଲୁମିନି ଆସୋସିଏସନର ଦ୍ୱିତୀୟ ବୈଠକ ସଂଗଠନର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ନାୟକ, ବିପ୍ଳବ ଦାସ ଓ ଶୁଭେନ୍ଦୁ ବାସୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସନ୍ଦିପ କୁମାର ପତି ଗଣତାନ୍ତ୍ରିକ ପଦ୍ଧତିରେ ଉପଦେଷ୍ଟା ଭାବରେ ବିବି କଲେଜର ଅଧ୍ୟକ୍ଷ ଡଃ. ଯତୀନ୍ଦ୍ର ନାଥ ସିଂହଦେବ ସଚାନ, ଅଧାପକ ଡଃ. ଶୁଭେନ୍ଦୁ ଦାସ ପ୍ରମୁଖ ମନୋନୀତ ହୋଇଥିବା ବେଳେ ପୁରାତନ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ଉପଦେଷ୍ଟା ମଣ୍ଡଳୀରେ ଦୀପକ କୁମାର ବାରିକ, କିଶୋର ବିଶ୍ୱାଳ, କିଶୋର ମହାନ୍ତି ଓ କାର୍ଯ୍ୟକାରୀ ସଭାପତି ଭାବେ ରବିନ ଦଣ୍ଡପାଟ୍ ମନୋନୀତ ହୋଇଥିଲେ । ସେହିପରି ପୁରାତନ ଛାତ୍ର ସୁନୀଲ କୁମାର ନାୟକ, ବିପ୍ଳବ ଦାସ, ଶୁଭେନ୍ଦୁ ବାସୁରୀ ଉପ-ସଭାପତି ରୂପେ ନିର୍ବାଚିତ ହୋଇଥିବା ବେଳେ ବାଜୁନ ହାଁସଦାଃ, ଯୁଗ୍ମ ସମ୍ପାଦକ ରୂପେ ଜୀବନ ବିନ୍ଧାଣୀ, ପୂର୍ଣ୍ଣେନ୍ଦୁ ପଣ୍ଡା, ଭରତ କାଶ୍ୟପ ଓ ଜ୍ଞାନରଞ୍ଜନ ବେହେରା, କୋଷାଧ୍ୟକ୍ଷ ଭାବେ ଅନନ୍ତ ମହାନ୍ତି ପ୍ରମୁଖ ନିର୍ବାଚିତ ହେବା ସଂଗେସଂଗେ ଶପଥ ପାଠ କରିଥିଲେ ।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଘୋଟାଲା, ମିଛ ଚିଠିରେ ଟଙ୍କା ଆତ୍ମସାତ ଘଟଣାରେ ଡିଇଓ ନୀରବଦ୍ରଷ୍ଟା

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ମହା ଘୋଟାଲା ପଦାକୁ ଆସିବା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ଚୁପ ରହିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଗୋଟିଏ ବିଦ୍ୟାଳୟର ଆବଶ୍ୟକୀୟ ଅନୁମତି ନଥାଇ ଉଚ୍ଚ ହାରରେ ଦରମା ଦେବାକୁ ନେଇ ଏକ ଜାଲ ଚିଠି କରାଯାଇ ଗୋଟିଏ ମାସର ବର୍ଦ୍ଧିତ ଦରମା ଦେବାପରେ ଏହାର ଅସଲ ଗୁମର ପଦାକୁ ଆସିଛି । ଅନୁସନ୍ଧାନରୁ ଜଣାପଡିଛି ଯେ ସାହାରପଡା ବ୍ଲକ ଅନ୍ତର୍ଗତ ଗଣ୍ଡବେଡା ପଞ୍ଚାନନ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ୨୦୧୫ ମସିହା ଅକ୍ଟୋବର ୧ ତାରିଖ ଠାରୁ ଶତକଡା ୪୦ ପ୍ରତିଶତ ଦରମା ପାଉଥିଲେ । କିନ୍ତୁ କେନ୍ଦୁଝର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପତ୍ର ସଂଖ୍ୟା ୧୨୦୮୧, ତା-୧୩/୧୧/୨୦୨୦ରେ ଏକ ଜାଲ ଚିଠି ପ୍ରସ୍ତୁତ କରାଯାଇ ଏହି ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ଶତକଡା ୬୦ ପ୍ରତିଶତ ଦରମା ଦେବା ଲାଗି ଆଦେଶ କରାଯାଇଥିଲା । ପୂର୍ବରୁ ବିଦ୍ୟାଳୟ ନିକଟରୁ ଏକ ସାଧା ସ୍କୁଲ ପ୍ୟାଡ୍‌ରେ ଦସ୍ତଖତ ନିଆଯାଇଥିବା କଥା ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ୨୦୨୦ ମସିହା ଡିସେମ୍ବର ୨୧ ତାରିଖରେ ଜଣାଇଥିଲେ । ଏହି କାର୍ଯ୍ୟ ଲାଗି ଜନୈକ କନିଷ୍ଠ କିରାଣୀ ଗଙ୍ଗାଧର ସାହୁ ୫୦ ହଜାର ଟାଙ୍କା ନେଇଥିବା କଥା ସେମାନେ ଅଭିଯୋଗ କରିଥିଲେ । ଏହି ଚିଠି ପାଇବା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ତାଙ୍କ ପତ୍ର ସଂଖ୍ୟା ୧୬୭୭୭, ତା-୨୮/୧୨/୨୦୨୦ରେ ଏକ ପତ୍ର ଲେଖି ନଭେମ୍ବର ୧୩ତାରିଖ ପ୍ରଦାନ କରାଯାଇଥିବା ଚିଠିଟି ଜାଲ ଏବଂ ଏପରି କୌଣସି ଚିଠି ହୋଇନାହିଁ ବୋଲି ପ୍ରକାଶ କରିବା ସହିତ ନଭେମ୍ବର ମାସରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ପ୍ରଦାନ କରାଯାଇଥିବା ଶତକଡା ୬୦ଭାଗ ଅନୁଦାନ ଫେରସ୍ତ କରାଯିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ଟ୍ରେଜେରୀ ଚାଲାଣ ମାଧ୍ୟମରେ ଏହି ଅର୍ଥ ଫେରସ୍ତ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ସଂଗ୍ରାମ ସାହୁ ତାଙ୍କ ପତ୍ରରେ ଉଲ୍ଲେଖ କରିଥିଲେ । ମାତ୍ର ଡିଇଓ ସଂପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ତଦନ୍ତ କରିବା ବା ଥାନାରେ ଏତଲା ନଦେବା ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଜିଲ୍ଲା ଶିକ୍ଷା ଅଧିକାରୀ ଏଭଳି ଅନୀୟମିତା କାର୍ଯ୍ୟ ଧରାପଡିବା ପରେ ଦୋଷୀ କର୍ମଚାରୀଙ୍କ ଉପରେ ତଦନ୍ତ କିମ୍ବା କାର୍ଯ୍ୟନୁଷ୍ଠାନ ନନେଇ କେବଳ ଗୋଟିଏ ମାସର ବର୍ଦ୍ଧିତ ଦରମା ଫେରାଇବାକୁ ସଂପୃକ୍ତ ବିଦ୍ୟାଳୟକୁ ଚିଠି କରି ନିଜ ଦାୟିତ୍ୱ ଶେଷ କରିବା ଘଟଣା ତଦନ୍ତ ସାପେକ୍ଷ । ସୂଚନାଯୋଗ୍ୟ ଯେ ଯେଉଁ ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟ ଗୁଡିକର ଗତ ୩ ବର୍ଷ ଧରି ଶତକଡା ୫୦ ଭାଗ ଛାତ୍ରଛାତ୍ରୀ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇନଥିବେ ସେମାନଙ୍କୁ ପୂର୍ବ ପରି ମୋଟ ଦରମାର ୪୦ ପ୍ରତିଶତ ଆର୍ଥିକ ଅନୁଦାନ ଆକାରରେ ଦିଆଯାଇ ଥାଏ । ଏହି ବିଦ୍ୟାଳୟର ଗତ ୩ ବର୍ଷ ଧରି ଶତକଡା ୫୦ ଭାଗରୁ କମ୍ ଫଳ ହୋଇଥିଲେ ମଧ୍ୟ ଚଞ୍ଚକତା କରି ଏହା କରାଯାଇଥିବା ଜଣାପଡିଛି । ତେବେ ରାଜ୍ୟ ସରକାର ଏକ ଉଲ୍ଲେଖନୀୟ ଘଟଣା କ୍ରମେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ଚାକିରୀରୁ ବିଦା କରୁଥିବାବେଳେ ବେଳେ ଏହି କାର୍ଯ୍ୟାଳୟରେ ସମସ୍ତ ଆଇନକୁ ଉଲ୍ଲଙ୍ଘନ କରି କେବଳ ଜଣେ କନିଷ୍ଠ କିରାଣୀଙ୍କୁ ଚଞ୍ଚକତାରେ ଏପରି ଏକ ଜାଲ ଚିଠି କରବା ଘଟଣାରେ ତଦନ୍ତ କରାଯାଉନାହିଁ । ଏପରିକି ଏହି କାର୍ଯ୍ୟ ପାଇଁ ସଂପୃକ୍ତ କିରାଣୀ ୫୦ ହଜାର ଟଙ୍କା ନେଇଥିବା ଅଭିଯୋଗ କରିଥିଲେ ମଧ୍ୟ ଡିଇଓ କାହିଁକି ଚୁପ ରହୁଛନ୍ତି ତାହାର ଉଚ୍ଚସ୍ତରୀୟ ତଦନ୍ତ ଦାବୀ ହୋଇଛି । ବର୍ତ୍ତମାନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟଳୟରେ ଶିକ୍ଷକମାନଙ୍କ କୌଣସି କାମ ବିନା ଅର୍ଥରେ ହେଉନାହିଁ । ଯିଏ ଅର୍ଥ ଦେଉଛି ତାହାର କାମ ହେଉଛି । ଯିଏ ଅର୍ଥ ନଦେଇ ସିଧାସଳଖ ଅଫିସକୁ ଆସି ନିଜର ଆପତ୍ତି ଅଭିଯୋଗ ଜଣାଇବାକୁ ଆସୁଛନ୍ତି ତାଙ୍କର କୌଣସି କାମ ହେଉନାହିଁ । ଏପରିକି ଅନେକ ଶିକ୍ଷକ/ଶିକ୍ଷୟିତ୍ରୀ ଦୁର୍ବ୍ୟବହାର ଶୀକାର ହୋଇ ଫେରୁଛନ୍ତି । ଏହି କାର୍ଯ୍ୟାଳୟରେ ୫ଟି କୁ ଯେପରି କାହାର ଭୟ ନାହିଁ ସେପରି ଦେଖିବାକୁ ମିଳୁଛି । ସମସ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବିବାଦୀୟ କନିଷ୍ଠ କିରାଣୀଙ୍କୁ ବଦଳୀ କରିବାକୁ ସଦର ବିଧାୟକ ତଥା ବିରୋଧି ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଦାବୀ କରିଛନ୍ତି ।

## ଘଟଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର 'ମୋ ସ୍କୁଲ ଅଭିଯାନ' ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ, ଅବସରପ୍ରାପ୍ତ ଶିକ୍ଷକ ପ୍ରଦାନ କଲେ ଏକ ହଜାର ଟଙ୍କା

ଘଟଗାଁ: କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଘଟଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତରଫରୁ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି । ବିଦ୍ୟାଳୟ ସହ ପୁରାତନ ଛାତ୍ରଛାତ୍ରୀଙ୍କୁ ଯୋଡିବା ଓ ସେମାନଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥରାଶିରେ ବିଦ୍ୟାଳୟର ବିକାଶ କରିବା ପାଇଁ ଓଡିଶା ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ହୋଇ ଉକ୍ତ ବିଦ୍ୟାଳୟର ପୂର୍ବତନ ଛାତ୍ର ହାଟଡିହି ବ୍ଲକ ଗିରିଗାଁର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ତ୍ରିପାଠୀ ବିଦ୍ୟାଳୟକୁ ଏକ ହଜାର ଟଙ୍କା ପ୍ରଦାନ କରିଛନ୍ତି । ପ୍ରକାଶ ଥାଉକି ଶ୍ରୀ ତ୍ରିପାଠୀ ଘଟଗାଁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଥିଲେ । ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ଅନୁପ୍ରାଣିତ ହୋଇ ସେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରୋହିତ କୁମାର ବେହେରାଙ୍କୁ ପେନ୍‌ସନ୍ ଅର୍ଥରାଶିରୁ ଉକ୍ତ ଦାନ ହସ୍ତାନ୍ତର କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମୋ ସ୍କୁଲ ଅଭିଯାନ ସଭାପତି ସୁନୀଲ ଦେହୁରୀ, ଶିକ୍ଷକ ମାଗୁଣି ଚରଣ ମାଝୀ, ଶୁଭକାନ୍ତ ସେଠୀ, ସଂଜୀବ ସାହୁ, ଶିକ୍ଷୟତ୍ରୀ ଜ୍ୟୋସ୍ନାରାଣୀ ଦାଶ, ସାଗରିକା ସା, ମୁଶ୍ରୀ ସେଠୀ, ସୁଲୋଚନା ଗିରି, ହରପ୍ରିୟା ପଲେଇ ପ୍ରମୁଖ ଉପସ୍ଥିତ ଥିଲେ । ସରକାରଙ୍କ ଏହି ମହନୀୟ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀମାନେ ସାମିଲ ହୋଇ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶରେ ସହାୟକ ହେବାପାଇଁ ପ୍ରଧାନଶିକ୍ଷକ ରୋହିତ ବେହେରା ଓ ସଭାପତି ସୁନୀଲ ଦେହୁରୀ ଅନୁରୋଧ କରିଛନ୍ତି ।




# ଉତ୍କଳୀୟ ନବବର୍ଷ : ମହାବିଷୁବ ସଂକ୍ରାନ୍ତି

ସୂର୍ଯ୍ୟ ସ୍ଥିର। ସୂର୍ଯ୍ୟ ଚାରିପଟେ ପୃଥିବୀ ଘୁରୁଛି ଅଥଚ ସୂର୍ଯ୍ୟଙ୍କର ଅବାସ୍ତବ ଗତିକୁ ଧରି ଆମେ ସୌରବର୍ଷ ଗଣନା କରୁଛୁ। ସୂର୍ଯ୍ୟଙ୍କର ଅବାସ୍ତବ ଗତିପଥକୁ ସୌର ପଥ କୁହନ୍ତି। ଏହି ପଥ ସଂପୂର୍ଣ୍ଣ ବୃତ୍ତାକାର ନ ହୋଇ ଉପବୃତ୍ତାକାର ବା ଅଣ୍ଡାକାର ଅଟେ। ଏହି ଅଣ୍ଡାକାର ପଥ ରାଶି ଦୃଷ୍ଟିରୁ ବାର ଭାଗ ଅଟନ୍ତି ଏବଂ ପଦ ଦୃଷ୍ଟିରୁ ଚାରିପଦ ଅଟନ୍ତି। ଏମାନେ ବିଷୁପଦ ଭାବେ ନାମିତ। ଏହି ପଦଗୁଡ଼ିକ ମାର୍ଚ୍ଚ ୨୧, ଜୁନ୍ ୨୧, ସେପ୍ଟେମ୍ବର ୨୩ ଏବଂ ଡ଼ିସେମ୍ବର ୨୨ ସହିତ ସମ୍ପର୍କିତ। ମାର୍ଚ୍ଚ ୨୧ ଓ ସେପ୍ଟେମ୍ବର ୨୩ ଦିନ ସୂର୍ଯ୍ୟ ବିଷୁବ ପଦ ବା ବିଷୁବ ରେଖାଉପରେ ଅବସ୍ଥାନ କରୁଥିବାରୁ ଏହି ଦିନ ପୃଥିବୀର ସର୍ବତ୍ର ଦିବାରାତ୍ର ସମାନ ରୁହେ। ଅର୍ଥାତ୍ ସୂର୍ଯ୍ୟ ସକାଳ ୬ଟାରେ ଉଦୟ ହୋଇ ସଂଧ୍ୟା ୬ଟାରେ ବୁଡ଼ନ୍ତି। ମାର୍ଚ୍ଚ ୨୧ ତାରିଖକୁ ବାସନ୍ତୀକା ବିଷୁବ ବା ମହାବିଷୁବ କୁହାଯାଏ କାରଣ ଏହା ପ୍ରାୟତଃ ବସନ୍ତ ଋତୁରେ ପଡ଼େ। ସେପ୍ଟେମ୍ବର ୨୩କୁ ଶାରଦୀୟ ବା ଜଳ ବିଷୁବ କୁହନ୍ତି। ମହାବିଷୁବ ବା ଜଳବିଷୁବ ନିରକ୍ଷ ବୃତ୍ତ ଏବଂ କ୍ରାନ୍ତିବୃତ୍ତର ଗୋଟିଏ ଗୋଟିଏ ଛେଦବିନ୍ଦୁ। କ୍ରାନ୍ତି କହିଲେ ଗ୍ରହମାନଙ୍କର ଗତିପଥକୁ ବୁଝାଏ। ମାର୍ଚ୍ଚ ୨୧ ତାରିଖ ଠାରୁ ସୂର୍ଯ୍ୟଙ୍କର ବିଷୁବ ରେଖାରୁ ଉତ୍ତର ଦିଗକୁ ଗତିହୁଏ ଏବଂ ଜୁନ୍ ୨୧ରେ ଯେଉଁ କାଳ୍ପନିକ ବିନ୍ଦୁ ଉପରେ ଅବସ୍ଥାନ କରନ୍ତି ତାକୁ କର୍କଟ କ୍ରାନ୍ତି କୁହନ୍ତି। ସେହିଠାରୁ ପୁଣି ଦକ୍ଷିଣାୟନ ଗତି ଆରମ୍ଭ ହୁଏ ବିଷୁବ ରେଖା ଆଡ଼େ ଏବଂ ସେପ୍ଟେମ୍ବର ୨୩ରେ ସୂର୍ଯ୍ୟ ପୁନର୍ବାର ବିଷୁବ ରେଖା ଉପରେ ଅବସ୍ଥାନ କରନ୍ତି ଓ ପୁନର୍ବାର ଦିନରାତି ସର୍ବତ୍ର ସମାନ ରୁହେ। ଏହା ପରଠୁ ପୁଣି ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତି ଡିସେମ୍ବର ୨୨ ଯାଏଁ। ତୁଳା ସଂକ୍ରାନ୍ତି ଦିନ ଠାରୁ ପୁଣି ସୂର୍ଯ୍ୟଙ୍କର ଫେରନ୍ତା ଗତି ବିଷୁବ ରେଖାକୁ ଏବଂ ୨୧ ମାର୍ଚ୍ଚ ଦିନ ପୁନଶ୍ଚ ଦିବାରାତ୍ର ସମାନ। ସଂକ୍ରାନ୍ତି ଘରକୁ ଧରି ୧୨ ରାଶିକୁ ୪ଭାଗରେ ବିଭକ୍ତ କରାଯାଇଛି। ଯଥା ବିଷୁବ : ମେଷ ଓ ତୁଳା, ଅୟନ : କର୍କଟ ଓ ମକର , ଷଡ଼ଶୀତି : ମିଥୁନ, କନ୍ୟା, ଧନୁ ଓ ମୀନ, ଏବଂ ବିଷ୍ଣୁପଦୀ : ବୃଷ, ସିଂହ, ବିଛା ଓ କୁମ୍ଭ। 'ଅୟନ' କହିଲେ ନିର୍ଦ୍ଦିଷ୍ଟ ବିନ୍ଦୁର କୌଣସି ସ୍ଥାନକୁ ଗତି। ଜୁନ ୨୧ରେ ସୂର୍ଯ୍ୟ କର୍କଟ କ୍ରାନ୍ତି ଓ ଡିସେମ୍ବର ୨୨ରେ ମକର କ୍ରାନ୍ତି ଉପରେ ଅବସ୍ଥାନକରନ୍ତି। ଏହି ଦିନଗୁଡ଼ିକରେ ଯଥାକ୍ରମେ ଉତ୍ତର ଓ ଦକ୍ଷିଣ ଗୋଲାର୍ଦ୍ଧରେ ଦିନବଡ଼ ଏବଂ ବିପରୀତ କ୍ରମେ ଗତି ଅବସ୍ଥାନ ନେଇ ରାତି ଛୋଟ। ସଂକ୍ରାନ୍ତି ଏକ ପବିତ୍ର ଦିବସ। ଏହିଦିନ ବ୍ରତ, ଉପବାସ ଏବଂ ଦାନ ଧର୍ମ କଲେ ପୁଣ୍ୟଫଳ ମିଳେ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି। ସବୁ ସଂକ୍ରାନ୍ତି ଅପେକ୍ଷା ମହାବିଷୁବ ସଂକ୍ରାନ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ସୂର୍ଯ୍ୟପୂଜନର ଏକ ମାହେନ୍ଦ୍ର ମୁହୂର୍ତ୍ତ। ଆମେ ତାଙ୍କୁ ନିମ୍ନମତେ ପ୍ରାର୍ଥନା କରୁ : "ହେ ସୂର୍ଯ୍ୟଦେବ ! ଆଜି ଉଦୟ ହେବା ସଂଗେ ସଂଗେ ଆପଣ ଆମକୁ ନିଷ୍ପାପ କରି ଦିଅନ୍ତୁ। ହେ ଅଦିତେ, ଆମେ ମିତ୍ରବରୁଣା ଦେବଙ୍କର ପ୍ରିୟପାତ୍ର ହେଉ। ହେ ଆର୍ଯ୍ୟମିନ୍ (ଦାତା) ! ଆମେ ଆପଣଙ୍କର କୃପାର ପ୍ରିୟପାତ୍ର ହେଉ। ହେ ଆର୍ଯ୍ୟମାନ୍! ଆପଣଙ୍କର କୃପାଲାଭ କରିବା ପାଇଁ ଆମେ ପ୍ରାର୍ଥନା କରୁଛୁ। ଆସନ୍ତୁ ଆମେ ସେହି ସୂର୍ଯ୍ୟଙ୍କୁ ଉପଲବ୍ଧ କରିବା, ସେ ଆଲୋକ ପ୍ରଦାନକାରୀଙ୍କୁ ଧ୍ୟାନ କରିବା। ଅଦିତିଙ୍କ ପୁତ୍ର ଆଦିତ୍ୟ ଆମକୁ ଜ୍ଞାନାଲୋକରେ ଭାସ୍କର କରନ୍ତୁ।" ***ଭାସ୍କରାୟ ବିଦ୍ମହେ ମହଦ୍ୟୁତିକରାୟ ଧୀମହି, ତନ୍ନୋ ଆଦିତ୍ୟଃ ପ୍ରଚୋଦୟାତ୍। (ଗାୟତ୍ରୀ)*** ବିଷୁବ ସଂକ୍ରାନ୍ତି ଦିନ ସୂର୍ଯ୍ୟଙ୍କର ଅବାସ୍ତବ ଉତ୍ତରାୟଣ ଗତି ଆରମ୍ଭ ହୁଏ। ରାଶିଚକ୍ରରେ ଏହାହିଁ ପ୍ରଥମ ଦିନ। ଏହା ମଧ୍ୟ ମେଷରାଶିର ପ୍ରଥମ ଦିବସ। ଭାରତୀୟ ପ୍ରାମାଣିକ ସମୟର ସମୟ ନିର୍ଘଣ୍ଟ ମେଷ ସଂକ୍ରାନ୍ତି ରୂପେ ବିଦିତ। ଏହିଦିନ ସର୍ବ ନିୟନ୍ତା ସର୍ବ ପ୍ରାଣ ଏବଂ ସର୍ବକର୍ତ୍ତା ମହିମମୟ ସୂର୍ଯ୍ୟଙ୍କର ସ୍ୱାଗତିକା ଗାନ କରାଯାଏ। ତାଙ୍କ ସ୍ୱାଗତିକା ପାଇଁ କି ମଠ ! କି ମନ୍ଦିର ! କି ହିନ୍ଦୁଗୃହ ଚଳ ଚଞ୍ଚଳ ହୋଇଉଠେ। ନୂତନ ପୋଷାକ ପରିଧାନ ପୂର୍ବକ ଆମେ ତାଙ୍କୁ ସ୍ୱାଗତ





କରୁ। ଓଡ଼ିଆ ସଂସ୍କୃତି ଜଗନ୍ନାଥ ସଂସ୍କୃତିକୁ ବୁଝାଏ। ଏଣୁ ଶ୍ରୀ ମନ୍ଦିରରୁ ହିଁ ସବୁ ଆରମ୍ଭ। ପ୍ରତ୍ୟୁଷରୁ ପାରମ୍ପରିକ ରୀତିରେ ପଣା ପ୍ରସ୍ତୁତ ହୁଏ। ଗ୍ରୀଷ୍ମର ଆଦ୍ୟ ହେତୁ ପଣାରେ ଥଣ୍ଡା ଏବଂ ସ୍ୱାସ୍ଥ୍ୟକର ଦ୍ରବ୍ୟ ବ୍ୟବହାର କରାଯାଏ। ବିଶେଷକରି କଞ୍ଚା ଆମ୍ବ, ପାଚିଲା ଆମ୍ବରସ, ପାଚିଲା ବେଲ, ନଡ଼ିଆ, ଛେନା, କ୍ଷୀର, ଦହି, ନବାତ, ଗୁଡ଼, ଆଖୁରସ, ଗୋଲମରିଚ, କାଜୁ, କିସ୍‌ମିସ୍, ସାକରକନ୍ଦ ଏବଂ ଅନେକ କିଛି । ଏହିଦିନ ସାଂଗସାଥୀ ଏବଂ ବନ୍ଧୁବାନ୍ଧବମାନଙ୍କୁ ଘରକୁ ସ୍ୱାଗତ କରି ପଣାରେ ଆପ୍ୟାୟିତ କରାଯାଏ। ଏହା ଏକ ଦିବସ ବ୍ୟାପୀ କାର୍ଯ୍ୟକ୍ରମର ସାମାଜିକ ପର୍ବ। ସଂଧ୍ୟାକୁ ବିଭିନ୍ନ ସ୍ଥାନରେ ସାହିତ୍ୟ ଚର୍ଚ୍ଚା, କବିତା ପାଠୋତ୍ସବ, ସଂଗୀତ ଆସର ଏବଂ ନୃତ୍ୟଗୀତ ଇତ୍ୟାଦିର ଆୟୋଜନ ହୋଇଥାଏ। ପଦ୍ମପୁରାଣ , ସ୍କନ୍ଦ ପୁରାଣ, ମତ୍ସ୍ୟ ପୁରାଣ, ଭବିଷ୍ୟ ପୁରାଣ, ବ୍ରହ୍ମାଣ୍ଡ ପୁରାଣ, ଜ୍ୟୋତି ଏବଂ ଆୟୁର୍ବେଦ ଶାସ୍ତ୍ରମାନଙ୍କରେ ମଧ୍ୟ ମହାବିଷୁବ ସଂକ୍ରାନ୍ତିର ପ୍ରଶସ୍ତିଗାନ କରାଯାଇଛି। ଆୟୁର୍ବେଦ ଶାସ୍ତ୍ରରେ ଚିକିତ୍ସା ସଂପର୍କରେ ଲେଖାଅଛି :

***"ମସୁରଂ ନିମ୍ବପତଂ ଚ ଯୋଽଭି ମେଷଗତେରବୌ***
***ଅତି ରୋଷାନ୍ୱିତସ୍ତସ୍ୟ ତକ୍ଷକଃ କିଂ କରିଷ୍ୟତି ।।"***

ଅର୍ଥାତ୍ ମେଷ ସଂକ୍ରାନ୍ତି (ମହାବିଷୁବ) ଦିନ ସମପରିମାଣ ମସୁର ଓ ନିମ୍ବପତ୍ର ଚୋବାଇ ଖାଇଲେ, ବର୍ଷେଯାଏ ବିଷାକ୍ତ ସର୍ପର ଦଂଶନକୁ ରୋକିବାର ଶକ୍ତି ଲାଭ ହୁଏ। ମହାବିଷୁବ (ବାସନ୍ତୀକା) ସଂକ୍ରାନ୍ତିକୁ ଓଡ଼ିଶାରେ ପଣାସଂକ୍ରାନ୍ତି, ବଙ୍ଗଳାରେ ଚୈତ୍ର ସଂକ୍ରାନ୍ତି, କେରଳରେ ବିଷୁ, ପଞ୍ଜାବରେ ବୈଶାଖି, ମଣିପୁରରେ ଚୈରୋବା, ତାମିଲ ନାଡୁରେ ମୋଷାଟି ଇତ୍ୟାଦି ନାମରେ ପାଳିତ ହୁଏ। ଓଡ଼ିଶା ନବବର୍ଷ ଏହି ସଂକ୍ରାନ୍ତି ଠାରୁ ଆରମ୍ଭ ହୁଏ। ଏହି ଦିନଠାରୁ ବାର୍ଷିକ ପାଞ୍ଜିର ଆରମ୍ଭ। ଗାଁ ଗହଳିରେ ପାଞ୍ଜିପାଠ ହୁଏ। ସୂର୍ଯ୍ୟ ଓ ଅଗ୍ନିଙ୍କର ସଂପର୍କ ଏକାକାର ହେତୁ ଓଡ଼ିଶାରେ ନିଆଁରେ ଚାଲିବା ଝାମୁଯାତ୍ରା, ଦଣ୍ଡନୃତ୍ୟ, ଘଣ୍ଟ ପାଟୁଆ ଏଂ ଆଦିବାସୀ ପରମ୍ପରାରେ 'କେଡ଼' ଓ ଝଙ୍ଗଡ଼ି ପର୍ବ ସାନ୍ତାଳମାନଙ୍କର ପାଟ ପର୍ବ ଓ ଶିକାର ପର୍ବ ଇତ୍ୟାଦି ସୂର୍ଯ୍ୟଙ୍କ ସମର୍ପିତ ପର୍ବ। ଏହା ଓଡ଼ିଶାର ପରମ୍ପରା ଓ ସଂସ୍କୃତିର ଏକ ଆନନ୍ଦ ଓ ଉଲ୍ଲାସର ଦିନ ତଥା ହିନ୍ଦୁମାନଙ୍କର ଏକ ମହାନ ପର୍ବ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**

## ନବୀନର ତ୍ରୟୋବିଂଶ ବିଷୁବ ମିଳନରେ ୫ ପ୍ରତିଭାଧର ସମ୍ମାନିତ ହେବେ

ବ୍ରହ୍ମପୁର (ପିଏନ୍): ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର 'ନବୀନ' ପକ୍ଷରୁ ଗଠିତ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ତ୍ରୟୋବିଂଶ ବିଷୁବ ମିଳନ ଅବସରରେ ୫ ଜଣ ପ୍ରତିଭାଧରଙ୍କୁ ସମ୍ମାନିତ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ଏକ ଚୟନ କମିଟିର ବୈଠକ ପ୍ରତିଷ୍ଠାନର ସଭାପତି ତଥା ନବୀନର ସମ୍ପାଦକ ରବି ରଥଙ୍କ ଅଧ୍ୟକ୍ଷତାରେ ନବୀନ ଭବନ ପରିସରରେ ଅନୁଷ୍ଠିତ ହୋଇଥିଲା। ଅପ୍ରେଲ ୧୪ ତାରିଖ (ବୁଧବାର)ରେ ଇଞ୍ଜିନିୟରିଂ ସ୍କୁଲ ଛକସ୍ଥିତ ରେଭିନ୍ୟୁ ଆଇବି (ରାଜସ୍ୱ ଡ଼ାକବଙ୍ଗଳା) ସମ୍ମିଳନୀ କକ୍ଷରେ ଆୟୋଜିତ ହେବାକୁ ଯାଉଥିବା ବିଷୁବ ମିଳନ ଓ ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶରେ ଚଳିତ ବର୍ଷ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାଗିରଥୀ ବେହେରା (ବ୍ରହ୍ମପୁର), ହରିହର ଚୌଧୁରୀ (ହିଞ୍ଜିଳିକାଟୁ), ଜଗନ୍ନାଥ ପଣ୍ଡା (ଛତ୍ରପୁର), ଡ଼ା. ଶଙ୍କର୍ଷଣ ପାତ୍ର (ବ୍ରହ୍ମପୁର), ସୁଶାନ୍ତ କୁମାର ଦାଶ (ଖୋର୍ଦ୍ଧା)ଙ୍କୁ ନବୀନ ବିଷୁବ ସମ୍ମାନରେ ସମ୍ମାନିତ କରାଯିବା ପାଇଁ ଘୋଷଣା କରାଯାଇଛି ।

## ସାଇବର ଠକେଇରେ ୯ଲକ୍ଷ ୬୬ ହଜାର ଟଙ୍କା ଲୁଟ ଅଭିଯୋଗ

କେନ୍ଦ୍ରାପଡା (ପିଏନ୍): ସାଇବର ଠକେଇ ଦ୍ୱାରା ଜନୈକ ପଶୁସମ୍ପଦ ବିଭାଗର ଡାକ୍ତରଙ୍କ ବ୍ୟାଙ୍କ ଆକାଉଁଟରୁ ଏକାଧିକ ଥରରେ ୯ଲକ୍ଷ ୬୬ହଜାର ଟଙ୍କା ଉଠାଇ ନିଆଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାଇ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ବଉଳବିହାରରେ ରହୁଥିବା ଡେରାବିଶି ବ୍ଲକର ସହକାରୀ ଭେଟନାରୀ ସର୍ଜନ ଜୀତାଂଶୁ ଶେଖର ମହାନ୍ତିଙ୍କର କଟକସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆରେ ତାଙ୍କ ପତ୍ନୀ ଏବଂ ତାଙ୍କ ନାମରେ ଏକ ଯୁଗ୍ମ ଆକାଉଁଟ ରହିଛି। ହଠାତ ସେହି ଆକାଉଁଟରୁ ୫ହଜାର, ଦଶ ହଜାର ଉଠିଯାଉଥିବା ସମ୍ପର୍କରେ ଗତ ଫେବୃୟାରୀ ମାସ ୧୩ ତାରିଖରେ ମେସେଜ ଉପରେ ମେସେଜ ଆସିଥିଲା। ତାଙ୍କର ସନ୍ଦେହ ହେବାରୁ ସେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ କଥା ହୋଇ ତାଙ୍କ ଏଟିଏମକୁ ବ୍ଲକ କରିଦେଇଥିଲେ। ପରେ ବ୍ୟାଙ୍କ ଷ୍ଟେଟମେଂଟ କଢାଯିବା ପରେ ତାଙ୍କ ବ୍ୟାଙ୍କ ଆକାଉଁଟରୁ ୯ଲକ୍ଷ ୬୬ ହଜାର ଟଙ୍କା ଉଠାଇନିଆଯାଇଥିବା ସମ୍ପର୍କରେ ଜାଣିପାରିଲେ । ସେ ଏ ସମ୍ପର୍କରେ କଟକସ୍ଥିତ ସାଇବର କ୍ରାଇମ ସେଲରେ ଅଭିଯୋଗ କରିବା ପରେ ସଂପୃକ୍ତ ବିଭାଗ ସେହି ଅଭିଯୋଗଟିକୁ କେନ୍ଦ୍ରାପଡା ଏସପିଙ୍କୁ ପଠାଇଦେଇଥିଲେ । କାରଣ ଏ କ୍ଷେତ୍ରରେ ୧୦ଲକ୍ଷ ଟଙ୍କାରୁ କମ୍ ଟଙ୍କା ଲୁଟ ହୋଇଥିବାରୁ ସଂପୃକ୍ତ ମାମଲାଟି ଏସପିଙ୍କୁ ପଠାଇ ଦିଆଗଲା ବୋଲି ସୂଚନା ଦିଆଗଲା। ଏ ସମ୍ପର୍କରେ ସଦର ଥାନା ଇନିସପେକ୍ଟର ପ୍ରମୋଦ କୁମାର ମଲ୍ଲିକ କୁହନ୍ତି ଯେ ସଂପୃକ୍ତ ବ୍ୟାଙ୍କ ଏଟିଏମର କ୍ଲୋନିଂ କରାଯାଇ ଏଭଳି ଭାବେ ୯ଲକ୍ଷ ୬୬ହଜାର ଟଙ୍କା ଲୁଟ କରାଯାଇଛି । ଘଟଣାର ଅନୁସନ୍ଧାନ ସାଇବର କ୍ରାଇମ ବିଭାଗ କରୁଛି ବୋଲି ସେ କହିଛନ୍ତି ।

## ହୃଦ୍‌ଘାତରେ ସମାଜସେବୀଙ୍କ ମୃତ୍ୟୁ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗଣ୍ଡାଖିଆ ଗ୍ରାମର ସମାଜସେବୀ ଧ୍ରୁବ ଚରଣ ପଣ୍ଡାଙ୍କ ୮୫ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ ଅଞ୍ଜଳି ପଣ୍ଡା, ପୁତ୍ର ଅରକ୍ଷିତ, ହିମାଂଶୁ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପାଇ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଆଇନଜୀବୀ ଅବିନାଶ ପଣ୍ଡା, ରତିକାନ୍ତ ଚୌଧୁରୀ, ଦିଲ୍ଲିପ ଚରଣ ପାଢୀ, ବାଲା ପାଢୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଁଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ଅରକ୍ଷିତ ମୁଖାଗ୍ନି ଦେଇଥିଲେ।

## ଓଡ଼ିଶା ଇତିହାସ କଂଗ୍ରେସର ପ୍ରତିଷ୍ଠା ଦିବସ ଏବଂ ପ୍ରଥମ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତାମାଳା

ଭୁବନେଶ୍ୱର (ପିଏନ୍): ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ଏବଂ ପ୍ରାଚୀନ ଭାରତ ଇତିହାସ ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗ ସହିତ ଓଡ଼ିଶା ଇତିହାସ କଂଗ୍ରେସର ମିଳିତ ଆନୁକୂଲ୍ୟରେ ଓଡ଼ିଶା ଇତିହାସ କଂଗ୍ରେସର ପ୍ରତିଷ୍ଠା ଦିବସ ଏବଂ ପ୍ରଥମ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତାମାଳା ବାଣୀବିହାର ପିଜି କାଉନ୍‌ସିଲ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭ ଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବାସା ଯୋଗଦେଇ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ପ୍ରଥମ ସ୍ମାରକୀ ବକ୍ତୃତାମାଳା ପ୍ରଦାନ କରିଥିଲେ। ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ଜୀବନୀ ଏବଂ ଓଡ଼ିଶା ଇତିହାସ ଓ ପ୍ରତ୍ନତତ୍ତ୍ୱକୁ ତାଙ୍କର ଅବଦାନ ଉପରେ ଆଲୋକପାତ କରି ପ୍ରଫେସର କିଶୋର କୁମାର ବାସା କହିଥିଲେ ଯେ ବୃତ୍ତିରେ ପରମାନନନ୍ଦ ଆଚାର୍ଯ୍ୟ ଜଣେ ଉଦ୍ଭିଦବିଜ୍ଞାନୀ ଥିଲେ। ଜାପାନ ଗସ୍ତରେ ଧାନ ଗବେଷଣା ଉପରେ ଅଧିକ ଗବେଷଣା ପାଇଁ ମୟୂରଭଂଜ ରାଜାଙ୍କ ଦ୍ୱାରା ସ୍ଥିରୀକୃତ କରାଯାଇଥିଲା; କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ କାରଣରୁ ପରମାନନ୍ଦ ଆଚାର୍ଯ୍ୟଙ୍କ ଜାପାନ ଗସ୍ତ ସ୍ଥଗିତ ହୋଇଥିଲା। କଲିକତା ବିଶ୍ୱବିଦ୍ୟାଳୟ ଗବେଷକଙ୍କ ଦ୍ୱାରା ମୟୂରଭଂଜ ଜିଲାରେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣରେ ନିଜକୁ ନିୟୋଜିତ କରିଥିଲେ ଏବଂ ପ୍ରଥମ କରି ଓଡ଼ିଶାରେ ନୂତନ ପ୍ରସ୍ତର ଯୁଗର ବସତି ଠାବ କରିଥିଲେ। ସମଗ୍ର ଭାରତବର୍ଷରେ କିଚକେଶ୍ୱରୀ ମନ୍ଦିରର ପୁନରୁଦ୍ଧାର ଏବଂ ସଂରକ୍ଷଣ ଯାହାକି ଭାରତବର୍ଷରେ ପ୍ରଥମ ଉଦାହରଣ। ଏଥିପ୍ରତି ତାଙ୍କର ଯଥେଷ୍ଟ ଅବଦାନ ରହିଥିଲା। ଏଥିସହିତ ପ୍ରତ୍ନତତ୍ତ୍ୱ, ଶିଳାଲେଖ, ମୁଦ୍ରା, ଚାରୁକଳା ପ୍ରଭୃତିରେ ତାଙ୍କର ବିଶେଷ ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ଉପାଧି ଭାରତ ସରକାରଙ୍କ ଦ୍ୱାରା ଭୂଷିତ କରାଯାଇଥିଲା। ପରମାନନ୍ଦ ଆଚାର୍ଯ୍ୟଙ୍କ ଐତିହାସିକ କୃତି ଓ ସାମ୍ପ୍ରତିକ ପରିସ୍ଥିତିରେ ପ୍ରତ୍ନତତ୍ତ୍ୱର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବା ସହ ଭବିଷ୍ୟତରେ ଆଞ୍ଚଳିକବାଦ କିଭଳି ଭାବେ ଐତିହାସିକ ଏବଂ ପ୍ରତ୍ନତାତ୍ତ୍ୱିକ ଗବେଷଣାକୁ ପ୍ରଭାବିତ କରିବ ତାହା ପ୍ରଫେସର ବାସା ଉଲ୍ଲେଖ କରିଥିଲେ। ଇତିହାସ କଂଗ୍ରେସର ସଭାପତି ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ସଦସ୍ୟ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ଯୋଗଦେଇ ଇତିହାସର ଭବିଷ୍ୟତ ଏବଂ ଆମର କର୍ତ୍ତବ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାଚୀନ ଭାରତ ଇତିହାସ ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗ ମୁଖ୍ୟ ପ୍ରଫେସର ସଂଜୟ ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଇତିହାସ କଂଗ୍ରେସର ସାଧାରଣ ସମ୍ପାଦକ ଡ. ସୁବାସଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ। ସୁଶାନ୍ତ କୁମାର ପାତ୍ର, ଅନାମ ବେହେରା, ରମେଶ ମଲ୍ଲିକ, ବୈଲୋଚନ ପଢ଼ିହାରୀ, ଅଶୋକ କୁମାର ପଟ୍ଟନାୟକ, କମଳା ପ୍ରସାଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗବେଷକ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।

## ଖରିଫ୍ ଧାନକିଣାରୁ ୨ଲକ୍ଷ ୮୦ ହଜାରରୁ ଉର୍ଦ୍ଧ୍ୱ ପଂଜିକୃତ ଚାଷୀ ବଂଚିତ

ଭୁବନେଶ୍ୱର (ପିଏନ୍)-ଓଡ଼ିଶା ସରକାର ୨୦୨୦ ଖରିଫର ଉତ୍ପାଦିତ ସମସ୍ତ ବଳକା ଧାନ କ୍ରୟ କରିବା ପାଇଁ ଚାଷୀମାନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେବା ସହ ଧାନ ସଂଗ୍ରହ ବ୍ୟବସ୍ଥାକୁ ସ୍ୱଚ୍ଛ, କ୍ରିୟାଶୀଳ ଏବଂ ଅନୁକୂଳ ପ୍ରକ୍ରିୟାରେ ସମ୍ପାଦନ କରିବେ ବୋଲି ନିଷ୍ପତି ନେଇଥିଲେ। ତଦନୁଯାୟୀ ରାଜ୍ୟର ମୋଟ ୧୪ ଲକ୍ଷ ୭୨ ହଜାର ୪୯୫ଜଣ ଚାଷୀ ଧାନ ବିକ୍ରୟ କରିବା ପାଇଁ ନିର୍ଦ୍ଧାରିତ ସମୟରେ ସେମାନଙ୍କ ନାମ ପଂଜିକରଣ କରିଥିଲେ। ନଭେମ୍ବର ୧ରୁ ମାର୍ଚ୍ଚ-୩୧, ୨୦୨୧ ଧାନ କ୍ରୟ ସମୟର ଅବଧି ଥିଲା। କିନ୍ତୁ କ୍ଷୋଭ ଓ ପରିତାପର ବିଷୟ, ସରକାରଙ୍କ ତରଫରୁ ବିଭିନ୍ନ ଜିଲ୍ଲାରେ ବିଳମ୍ବରେ ମଣ୍ଡି ଖୋଲାଯିବା, ଟୋକନ ପ୍ରଦାନ ପ୍ରକ୍ରିୟାରେ ବିଳମ୍ବତା ଏବଂ ମଣ୍ଡିକୁ ଟାର୍ଗେଟ ନଦେଇ ନିର୍ଦ୍ଧାରିତ ସମୟ ପୂର୍ବରୁ ଅନେକ ମଣ୍ଡି ବନ୍ଦ କରିବା ଫଳରେ ଅନେକ ଟୋକନ୍ ଲାପ୍ସ କଲା। ଫଳରେ ଚାଷୀ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ; ଯଦ୍ୱାରା ୨ଲକ୍ଷ ୮୦ ହଜାର ୪୬୯ଜଣ ପଂଜିକୃତ ଚାଷୀଙ୍କଠାରୁ ସରକାର ଆଦୌ ଧାନ କ୍ରୟ କଲେନାହିଁ। ଫଳରେ ଧାର କରଜ, ପରିଶ୍ରମ କରି ଧାନ ଉତ୍ପାଦନ କରିଥିବା ଲକ୍ଷ ଲକ୍ଷ ଚାଷୀ ଅଭାବୀ ବିକ୍ରିର ଶିକାର ହେବା ସହିତ ବହୁ ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛନ୍ତି। ଅପରପକ୍ଷରେ ସରକାର ଗତବର୍ଷ ତୁଳନାରେ ୧୮ ପ୍ରତିଶତ ଅଧିକ ଧାନ ସଂଗ୍ରହ କରିଛନ୍ତି ବୋଲି ସଫେଇ ଦେଉଥିବା ବେଳେ ୨୦୨୦ ଖରିଫର ଆଉ ପାଖାପାଖି ୨୫ ପ୍ରତିଶତରୁ ଉର୍ଦ୍ଧ୍ୱ ଧାନ ଚାଷୀଙ୍କ ପାଖରେ ପଡ଼ି ରହିଛି। ବର୍ତ୍ତମାନ ଧାନ କିଣାର ଅବଧି ଶେଷ। ଚାଷୀକୁଳ କରିବ କ'ଣ ? ଏହା ଏକ ଚିନ୍ତାର କାରଣ। ୨୦୧୯ ଖରିଫରେ ସରକାର ୫୩ ଲକ୍ଷ ୩୧ ହଜାର ମେଟ୍ରିକ୍ ଟନ୍ ଧାନ କ୍ରୟ କରିଥିବା ବେଳେ ୨୦୨୦ ଖରିଫରେ ୬୨ ଲକ୍ଷ ୯୩ ହଜାର ମେଟ୍ରିକ୍ ଟନ୍ ଧାନ କ୍ରୟ କରି ଗତବର୍ଷ ତୁଳନାରେ ଅଧିକ ୧୮ ପ୍ରତିଶତ ଧାନ କିଣାଯିବା କଥା ସୂଚନା ଦେବା ଏକ ହାସ୍ୟାସ୍ପଦର ବିଷୟ। ପରିସଂଖ୍ୟାନ ଅନୁଯାୟୀ ଗତ ୨୦୧୯ ବର୍ଷର ପାଣିପାଗ ତୁଳନାରେ ଧାନ ଉତ୍ପାଦନ ଯଥେଷ୍ଟ କମ୍ ଥିଲା। କିନ୍ତୁ ୨୦୨୦ ଖରିଫ୍ ଧାନ ଉତ୍ପାଦନରେ ଉତ୍ତମ ଜଳବାୟୁ ଯୋଗୁଁ ଯଥେଷ୍ଟ ପରିମାଣରେ ରେକର୍ଡ଼ ସଂଖ୍ୟକ ଧାନ ଉତ୍ପାଦନ ହୋଇଛି। ସରକାର ଚାଷୀଙ୍କଠାରୁ ସମସ୍ତ ବଳକା ଧାନ କିଣିବେ ବୋଲି ଗଣମାଧ୍ୟମରେ ବ୍ୟାପକ ପ୍ରଚାର ଓ ପ୍ରସାର କରିଛନ୍ତି। କିନ୍ତୁ ବର୍ତ୍ତମାନ ଅବଧି ଶେଷ ପରେ ସରକାର ଧାନ କିଣିବାକୁ ନାରାଜ। ସରକାରଙ୍କ ତ୍ରୁଟିପୂର୍ଣ୍ଣ ଖାଦ୍ୟନୀତି, ନିଅଣ୍ଟିଆ ଆର୍ଥିକ ବ୍ୟବସ୍ଥା ଏବଂ ଚାଷୀଙ୍କ ପ୍ରତି ଚରମ ଅବହେଳା ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଛି ବୋଲି ପିସିସି କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଚାଷୀଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ପକ୍ଷରୁ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଡ. ଗଣେଷୀ ଲାଲଙ୍କୁ ଏକ ସ୍ମାରକପତ୍ର ଦିଆଯାଇ ଏଥିରେ ମାନ୍ୟବର ରାଜ୍ୟପାଳ ହସ୍ତକ୍ଷେପ କରିବା ସହ ଧାନ ବିକ୍ରୟରୁ ବଞ୍ଚିତ ହୋଇଥିବା ୨ ଲକ୍ଷ ୮୦ହଜାରରୁ ଉର୍ଦ୍ଧ୍ୱ ପଂଜିକୃତ ଚାଷୀଙ୍କର ସମସ୍ତ ବଳକା ଧାନକୁ ଚଳିତ ମାସ ଏପ୍ରିଲ-୧୫ ମଧ୍ୟରେ କ୍ରୟ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଉକ୍ତ ସ୍ମାରକପତ୍ରରେ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକଙ୍କ ସହିତ ଉପାଧ୍ୟକ୍ଷ ଶଶିଭୂଷଣ ପାତ୍ର, ପ୍ରେମାନନ୍ଦ ସ୍ୱାଇଁ, ଉମେଶ ସାହୁ, ସାଧାରଣ ସମ୍ପାଦକ ଇଂ. ଅରବିନ୍ଦ ସାମଲ, ଜିଲ୍ଲା ସଭାପତି ବିପ୍ରବର ସାହୁ, ସାନନ୍ଦ ମିଶ୍ର, ବୃନ୍ଦାବନ ଖଟେଇ, ଦୟାସାଗର ମେଣ୍ଡଲୀ, ନରେନ୍ଦ୍ର ପଣ୍ଡା, ଭବାନୀ ରଥ, ଗୋବିନ୍ଦ ମିଶ୍ର, ମକର ପ୍ରଧାନ, ନର ନାରାୟଣ ଜେନା, ନିରଂଜନ ବେହେରା, ହେମଦାସ ମାଣିକପୁରୀ, ଯଶୋଦା ନନ୍ଦନ ସିଂହ, ଗୋବିନ୍ଦ ପଟେଲ ପ୍ରମୁଖ ଚାଷୀନେତାମାନେ ଦୃଢ଼ଦାବୀ କରିଛନ୍ତି।

## କେନ୍ଦ୍ରାପଡା ସରକାରୀ ହାଇସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କଲେ ବିଧାୟକ



କେନ୍ଦ୍ରାପଡା (ପିଏନ୍): ସର୍ବପୁରାତନ କେନ୍ଦ୍ରାପଡା ସରକାରୀ ହାଇସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କଲେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା । ଏହି ଅବସରରେ ସେ ସ୍କୁଲ ପରିଦର୍ଶନରେ ଯାଇ ସ୍କୁଲ ପରିସରକୁ ବୁଲି ଦେଖିଛନ୍ତି । ସ୍କୁଲ ପରିସରରେ ଥିବା ବହୁ ପୁରାତନ, ଅବ୍ୟବହୃତ ତଥା ବିପଦ ସୃଷ୍ଟି କରୁଥିବା ଶ୍ରେଣୀ ଗୃହ ଗୁଡିକୁ ଭଙ୍ଗାଯିବା ପରେ ସେହି ସ୍ଥାନରେ ନୂତନ ଶ୍ରେଣୀଗୃହ ନିର୍ମାଣ କରାଯିବାକୁ ଉପସ୍ଥିତ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରଦୀପ୍ତ କୁମାର ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି । ଏଥିସହିତ ସେହି ସ୍କୁଲ ପରିସରରେ ଥିବା ପୁରାତନ ଐତିହ୍ୟ ବଟବୃକ୍ଷକୁ ସୁରକ୍ଷିତ ଭାବେ ରଖାଯିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ସେହି ହାଇସ୍କୁଲ ପରିସରକୁ ସର୍ବାଙ୍ଗ ସୁନ୍ଦର କରି ଗଢିତୋଳିବାକୁ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ବିଧାୟକ ଶ୍ରୀ ବେହେରା ପ୍ରତିଶୃତି ଦେଇଛନ୍ତି । ସେଠାରେ ଉପସ୍ଥିତ ଥିବା ହାଇସ୍କୁଲର ପ୍ରଧାନଶିକ୍ଷକ ଉପେନ୍ଦ୍ର ନାଥ ସ୍ୱାଇଁ, ବିଦ୍ୟାଳୟ ମୋ ସ୍କୁଲ ଅଭିଯାନର ଅଧ୍ୟକ୍ଷ ଡା. ବିଶ୍ୱ ପ୍ରକାଶ କାନୁନଗୋ, ପୁରାତନ ଛାତ୍ରସଂସଦର ସମ୍ପାଦକ ଚିତ୍ତରଞ୍ଜନ ଭଗତ, ଆଇନଜୀବି ଦେବଦାସ ମହାନ୍ତି, ଯୁବନେତା ମହେନ୍ଦ୍ର ମିଶ୍ର ପ୍ରମୁଖଙ୍କ ସହ ହାଇସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯିବା ପାଇଁ ବିଧାୟକ ପ୍ରତିଶୃତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ କର, ପୂର୍ତ୍ତ ବିଭାଗ ଉପନିର୍ବାହୀ ଯନ୍ତ୍ରୀ ବିଜୟାନନ୍ଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ମିଶନ ଶକ୍ତି ମାଧ୍ୟମରେ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରାଯିବ

କେନ୍ଦ୍ରାପଡା (ପିଏନ୍): ମହିଳାମାନଙ୍କର ଆର୍ଥିକ ବିକାଶ ଓ ଆତ୍ମନିର୍ଭରଶୀଳତା କରାଇବା ସହ ସେମାନଙ୍କୁ ସଶକ୍ତିକରଣ ଓ ସ୍ୱାବଲମ୍ବୀ କରାଇବା ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲାରେ ମିଶନଶକ୍ତି ପ୍ରମୁଖ ଭୂମିକା ଗ୍ରହଣ କରିବ । ଏଥିନିମନ୍ତେ ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ଗାଈ, ଛେଳି, କୁକୁଡା, ମାଛ ଓ



ମେଣ୍ଢା ପାଳନ ପାଇଁ ଋଣ ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ଉପଲକ୍ଷେ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମିଶନ ଶକ୍ତିର ଏକ ବୈଠକରେ ଏଭଳି ନିଷ୍ପତି ଗ୍ରହଣ କରାଯାଇଛି । ଏଥିପାଇଁ ମିଶନଶକ୍ତିର ବ୍ଲକସ୍ତରୀୟ ମହିଳା ମହାସଙ୍ଘ ଓ ପଂଚାୟତସ୍ତରୀୟ ମହାସଙ୍ଘ ପାଣ୍ଠିରୁ ଆବଶ୍ୟକୀୟ ଋଣ ଆଶାୟୀ ଥିବା ଗୋଷ୍ଠୀର କର୍ମକର୍ତ୍ତାମାନଙ୍କୁ ପ୍ରଦାନ କରାଯିବ । ଏହି ବୈଠକରେ ମିଶନଶକ୍ତିର ଜିଲ୍ଲା ସଂଯୋଜକ କୈଳାସ ଚନ୍ଦ୍ର ସେନାପତି, ଓଏଲଏମର ଡିପିଏମ ସତ୍ୟଭାମା ପ୍ରଧାନ, ଜିଲ୍ଲା ମତ୍ସ୍ୟ ଅଧିକାରିଣୀ ମମତା ମହାପାତ୍ରଙ୍କ ସମେତ ପଶୁସମ୍ପଦ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prajnan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ମାକ୍ସ ଚେକିଂ ଆଳରେ ଆରଡି ପୁଲିସର ଦାଦାଗିରି, ଯୁବକଙ୍କୁ ପୁଲିସ ମାଡ ମାରିବା ଭିଡିଓ ଭାଇରାଲରୁ ଆସିଲା ସତ୍ୟ ଘଟଣା, ଏସପିଙ୍କ ଦ୍ୱାରସ୍ଥ ହେଲେ ଯୁବକଙ୍କ ବାପା-ମା'

ଭଦ୍ରକ: ମହାମାରୀ କରୋନାର ଦ୍ୱିତୀୟ ଲହରୀକୁ ନେଇ ଏବେ ସାରା ରାଜ୍ୟରେ ମାକ୍ସ ଚେକିଂକୁ କଡାକଡି କରାଯାଇଛି । ହେଲେ ମାକ୍ସ ଚେକିଂ ଆଳରେ କେତେକ ସ୍ଥାନରେ ପୁଲିସ ବାବାଙ୍କୁ ଦାଦାଗିରି ଦେଖିବାକୁ ମିଳିଛୁ ବିଭିନ୍ନ ସୋସିଆଲ ମିଡିଆରେ । ଗତ ଶନିବାର ଭଦ୍ରକ ଜିଲା ଆରଡି ଫାଣ୍ଡି ପୁଲିସ ପକ୍ଷରୁ ଆଖଣ୍ଡଳମଣି-ଭଦ୍ରକ ମୁଖ୍ୟ ରାସ୍ତାର ଫାଣ୍ଡି ସମୁଖରେ ମାକ୍ସ ଚେକିଂ ଚାଲିଥିବା ବେଳେ ୨ଜଣ ଯୁବକଙ୍କୁ ପୁଲିସ ଅତି ଅମାନୁସିକ ଭାବେ ମାଡ ମାରିବା ସହ ହତ୍ୟା ଭଳି ବହୁ ସଙ୍ଗିନ ସଫା ଲଗାଇ କୋର୍ଟ ଚାଲାଣ କରିବା ଭିଡିଓ ଏବେ ବିଭିନ୍ନ ସୋସିଆଲ ମିଡିଆରେ ଏବେ ଭାଇରାଲ ହେବାରେ ଲାଗିଛି । ଏପରିକି ପୁଲିସ ଅଧିକାରୀମାନେ ସାଧା ପୋଷାକରେ ରହି ମାକ୍ସ ଚେକିଂ କରୁଥିବା ବେଳେ କେତେକଙ୍କ ମୁହଁରେ ମାକ୍ସ ନଥିବା ଦେଖିବାକୁ ମିଳିଛି ଏହି ଭାଇରାଲ ଭିଡିଓରେ । ଗତ ଶନିବାର ବେତାଳିଗାଁରେ ରହୁଥିବା ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧିନସ୍ଥ ଅରଦାଲୁିଆ ଗାଁର ସୌମ୍ୟରଞ୍ଜନ ମଇକାପ ଓ ତାର ଭାଇ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଆରଡିପୀଠକୁ ଆସୁଥିବା ବେଳେ ମାକ୍ସ ନପିନ୍ଧିଥିବାରୁ ତାଙ୍କୁ ପୁଲିସ ଅଟକାଇଥିଲା । ତାହାସହ ଜୋରିମାନା ଆଦାୟକୁ ନେଇ ପୁଲିସ ଓ ଯୁବକଙ୍କ ମଧ୍ୟରେ ଯୁକ୍ତତର୍କ ହେଉଥିବା ବେଳେ ଜଣେ ଯୁବକ ମୋବାଇଲି ଭିଡିଓ ଉତୋଳନ କରିବାକୁ ନେଇ ପୁଲିସ ରକ୍ତ ମୁଖା ହୋଇଯାଇଥିଲା । ଏପରିକି ଯୁବକଙ୍କୁ ୩/୪ଜଣ ପୁଲିସ ଅତି ଅମାନୁଷିକ ଭାବେ ମାଡ ମାରିବା ସହ ତଳେ ପକାଇ ଦେଇଥିଲା । ଯୁବକ ଜଣକ ଯେତେ ଚିତ୍କାର କରିଥିଲେ ମଧ୍ୟ ପୁଲିସ ଛାଡିନଥିଲା । ଏପରି ଭିଡିଓ ଦେଖିବାକୁ ମିଳିଛି ସୋସିଆଲ ମିଡିଆରୁ । ଯାହାର ଭିଡିଓ ଏବେ ବହୁଳମାତ୍ରାରେ ଭାଇରାଲ ହେବାରେ ଲାଗିଛି । ଗୋଟିଏପଟେ ରାଜ୍ୟ ସରକାର ୫ଟି ଆଇନରେ ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ପାଇଁ ଡିଣ୍ଡିମ ପିଟୁଥିବା ବେଳେ , ଏପଟେ କେତେକ ପୁଲିସବାବୁ ନିଜର ହିତାହିତ ଜ୍ଞାନ ଭୁଲି ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ବଦଳେ ଅତ୍ୟାଚର କରିବାକୁ ପଛାଉନଥିବା ସୋମବାର ଯୁବକର ବାପା ପ୍ରଦୀପ ମଇକାପ ଓ ମା ଶୁକାନ୍ତି ମଇକାପ କହିଛନ୍ତି । ଏପରିକି ଭଦ୍ରକ ଯାଇ ଏସପିଙ୍କୁ ଭେଟିବା ସହ ତାଙ୍କ ପୁଅ ପ୍ରତି ହୋଇଥିବା ଅନ୍ୟାୟ ଓ ମରାଣନ୍ତକ ଆକ୍ରମଣ କରିଥିବା ପୁଲିସ ବାବୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିବେଦନ କରିଛନ୍ତି । ଏପରିକି ଆଗାମୀ ୩ଦିନ ମଧ୍ୟରେ ଯଦି ଏସପି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି ତାହାଲେ ରାଜରାସ୍ତାରେ ଆତ୍ମହତ୍ୟା କରିବେ ବୋଲି ଯୁବକର ମା ଶୁକାନ୍ତି ପ୍ରକାଶ କରିଛନ୍ତି ।

# କେନ୍ଦୁଝର : ଓଡିଶା ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗର ସର୍ଭେ ନିମନ୍ତେ ଦୁଇଦିନିଆ ତାଲିମ ଶିବିର

କେନ୍ଦୁଝର: ଓଡ଼ିଶା ରାଜ୍ୟ ପଛୁଆବର୍ଗ କମିଶନଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ପଛୁଆ ବର୍ଗର ଲୋକମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସର୍ଭେ କରିବା ନିମନ୍ତେ କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଚଳିତ ଅପ୍ରେଲ ୧୨ ତାରିଖ ଠାରୁ ଦୁଇଦିନିଆ ତାଲିମ ଶିବିର ଆୟୋଜିତ ହୋଇଛି । ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ତାଲିମ ଶିବିରରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ନୋଡାଲ୍ ଅଫିସର ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ମାଷ୍ଟର ଟ୍ରେନର ଭାବେ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବିଜନ କୁମାର ଅମ୍ଭ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଶ୍ରୀମତୀ ଜୟଶ୍ରୀ ବେଉରା, ଡେପୁଟି କଲେକ୍ଟର ନିଜାରତ ଶିବବ୍ରତ ତ୍ରିପାଠୀଙ୍କ ସମେତ ଜିଲ୍ଲାର ବି.ଡି.ଓ., ଏ.ବି.ଡି.ଓ., ତହସିଲଦାର, ଅତିରିକ୍ତ ତହସିଲଦାର ଏବଂ ପୌରପାଳିକା / ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀମାନେ ଯୋଗ ଦେଇଛନ୍ତି । ଏହି ତାଲିମ୍ ଶିବିରରେ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ ଯେ ଓଡିଶାରେ ଥିବା ପଛୁଆ ବର୍ଗର ଲୋକମାନଙ୍କର ବର୍ତ୍ତମାନର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ବନ୍ଧରେ ସ୍ୱଷ୍ଟ ଚିତ୍ର ହାସଲ କରିବା ହେଉଛି ଏହି ସର୍ଭେର ମୁଖ୍ୟ ଉଦ୍ଦେଶ୍ୟ । ସମଗ୍ର ରାଜ୍ୟରେ ଏହି ସର୍ଭେ ଆସନ୍ତା ମଇ ୦୧ ତାରିଖରୁ ଆରମ୍ଭ ହୋଇ ମଇ ୨୦ ତାରିଖ ପର୍ଯ୍ୟନ୍ତ ଏବଂ ତା'ପରେ ମଇ ୨୧ରୁ ମଇ ୨୫ ତାରିଖ ପର୍ଯ୍ୟନ୍ତ ଏକ ବିଶେଷ କାର୍ଯ୍ୟକ୍ରମ ଚାଲିବ । ଏହି ସର୍ଭେ ମାଧ୍ୟମରେ ମୁଖ୍ୟତଃ ପଛୁଆ ବର୍ଗର ଲୋକମାନଙ୍କର ବୃତି, ଶିକ୍ଷାଗତ ଯୋଗ୍ୟତା ସହିତ ସେମାନଙ୍କର ପରିବାରର ଲୋକମାନେ କେଉଁ ପ୍ରକାର ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରିଛନ୍ତି ସେ ବିଷୟରେ ସୂଚନା ସଂଗ୍ରହ ଦ୍ୱାରା ସେମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସଂପର୍କରେ ସଠିକ ତଥ୍ୟ ପ୍ରାପ୍ତ ହୋଇପାରିବ । ଏଣୁ ଉକ୍ତ ସର୍ଭେ କାର୍ଯ୍ୟକ୍ରମର ସଫଳତା ପାଇଁ ନିୟୋଜିତ ସମସ୍ତ ସଂପୃକ୍ତ ଅଧିକାରୀ / କର୍ମଚାରୀ, ଏନୁମେରେଟର, ସୁପରଭାଇଜରମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଏ ଦିଗରେ ଜନସାଧାରଣଙ୍କ ସକ୍ରିୟ ସହଯୋଗ କାମନା କରିଛନ୍ତି । ସୂଚନାଯୋଗ୍ୟ ଯେ ଓଡିଶା ରାଜ୍ୟ ପଛୁଆ ବର୍ଗ କମିଶନ ଅଧିନିୟମ, ୧୯୯୩ର ଧାରା ୦୯ର ଉପଧାରା ୧(କ) ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ ଏହାପରେ ଓଏସ୍‌ସିବିସି ଅଧିନିୟମ ୧୯୯୩ ଭାବରେ ନାମିତ ତଥା ଓଡିଶା ରାଜ୍ୟ ପଛୁଆ ବର୍ଗ କମିଶନ (ସଂଶୋଧନ) ଅଧିନିୟମ ୨୦୨୦ରେ ଥିବା ବ୍ୟବସ୍ଥା ଅନୁଯାୟୀ ଓଡିଶାରେ ଥିବା ପଛୁଆ ବର୍ଗର ଲୋକମାନଙ୍କର ସାମାଜିକ ତଥା ଶିକ୍ଷାଗତ ସ୍ଥିତି ସଂପର୍କରେ ଗଠିତ ଓଡିଶା ରାଜ୍ୟ ପଛୁଆ ବର୍ଗ କମିଶନଙ୍କ ଦ୍ୱାରା ସର୍ଭେ କରିବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ନୋଡାଲ୍ ଅଫିସର ଏବଂ ମାଷ୍ଟର ଟ୍ରେନରମାନେ ଉକ୍ତ ଶିବିରରେ କିପରି ଏନୁମେରେଟର ଓ ସୁପରଭାଇଜର ନିଯୁକ୍ତି କରାଯିବ ଏବଂ ସେମାନଙ୍କର କର୍ତ୍ତବ୍ୟ, ଏନୁମେରେଟରମାନଙ୍କ ପାଇଁ କିଟ୍ ବ୍ୟବସ୍ଥା, ସର୍ଭେ ସମୟରେ କୋଭିଡ୍-୧୯ ଗାଇଡ୍‌ଲାଇନ୍‌ର ଅନୁପାଳନ, ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସର୍ଭେ କାର୍ଯ୍ୟ ପରିଚାଳନା, ସର୍ଭେ କେନ୍ଦ୍ର ସ୍ଥାପନ, ଏନୁମେରେଟର ଓ ସୁପରଭାଇଜରମାନଙ୍କ ପାଇଁ ତାଲିମ ବ୍ୟବସ୍ଥା, ତାଲିମ୍‌ର ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା, ଏନୁମେରେଟର, ସୁପରଭାଇଜର, ବ୍ଲକ୍ ନୋଡାଲ୍ ଅଫିସର, ଜିଲ୍ଲା ନୋଡାଲ୍ ଅଫିସରଙ୍କ ପାଇଁ ଦୈନିକ ରିପୋର୍ଟିଂ ଫର୍ମାଟ୍, ଫର୍ମପୂରଣ ପଦ୍ଧତି, ଆଇ.ସି.ଆର୍. ସର୍ଭେ ଫର୍ମଗୁଡିକୁ ସର୍ଭେ ପୋର୍ଟାଲ୍‌ରେ ଅନ୍‌ଲାଇନ୍‌ରେ ଦାଖଲ ଇତ୍ୟାଦି ପ୍ରସଙ୍ଗ ସଂପର୍କରେ ବିଶଦ ଭାବେ ତାଲିମ ପ୍ରଦାନ କରିଛନ୍ତି ।

# ପିପିଲି–ଡେଲାଙ୍ଗ ଚାହେଁ ପରିବର୍ତ୍ତନ ଚାହେଁ ହିଂସା, ଅରାଜକତା, ଅବହେଳାରୁ ମୁକ୍ତି:ଆଶ୍ରିତ ପଟ୍ଟନାୟକ

ପିପିଲି-ଡେଲାଙ୍ଗ/ଭୁବନେଶ୍ୱର, ୧୨ ଏପ୍ରିଲ – ପିପିଲି-ଡେଲାଙ୍ଗ ହେଉଛି କଳା ସଂସ୍କୃତିର ମାଟି । ହେଲେ ତାକୁ ରକ୍ତରଂଜିତ କରିଲା କିଏ ? କାହା ପ୍ରରୋଚନାରେ ପିପିଲି-ଡେଲାଙ୍ଗରେ ହୋଇଛି ୩୦ ରାଜନୈତିକ ହତ୍ୟାକାଣ୍ଡ ? କିଏ ହୋଇଛି ଲାଭବାନ, କିଏ ସହିଛି କ୍ଷତି ? କିଏ ମନ୍ତ୍ରୀ-ବିଧାୟକ ହେଲେ ଆଉ କାହାର ପୁଅ ମଲା ବୋଲି ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ଆଶ୍ରିତ ପଟ୍ଟନାୟକ ଦୁଃଖ ପ୍ରକାଶ କରି କହିଛନ୍ତି । ଚାନ୍ଦୁଆ ପାଇଁ ସାରା ବିଶ୍ୱରେ ନାଁ କମାଇଥିବା ପିପିଲି କେବେ ହତ୍ୟାକାଣ୍ଡ, କେବେ ବୋମାମାଡ ପୁଣି କେବେ ଗଣବଳାତ୍କାର ପାଇଁ ବଦନାମ ହୋଇଛି । ଏବେ ସମୟ ଆସିଛି ପିପିଲି – ଡେଲାଙ୍ଗଙ୍କୁ ସେହି ଅସାମାଜିକ ତତ୍ୱମାନଙ୍କ କବଜାରୁ ମୁକ୍ତ କରିବା ସହ ପିପିଲି–ଡେଲାଙ୍ଗଙ୍କୁ ଶାନ୍ତି ଏବଂ ବିକାଶର ରାସ୍ତାରେ ଆଗେଇ ନେବା ।ଫନି ବାତ୍ୟା ପରେ ମୋଦି ସରକାର ବ୍ୟାପକ ଅର୍ଥ ଫନିକ୍ଷତିଗ୍ରସ୍ତକାରୀଙ୍କ ପାଖକୁ ପଠାଇଥିଲେ । କିନ୍ତୁ ଏବେ ବି ଫନି ବିପନ୍ନମାନେ ପଲିଥିନ ତଳେ ବାସ କରୁଛନ୍ତି । ପିପିଲି ଡେଲାଙ୍ଗର ୨୨ହଜାରରୁ ଅଧିକ ଫନି ବିପନ୍ନଙ୍କ ଟଙ୍କା ଖାଇଛି କିଏ ? ଫନି କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀ, ନଡ଼ିଆ ଚାଷୀ, ପାନଚାଷୀଙ୍କ ଟଙ୍କା ଖାଇଲା କିଏ ? ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲୋକଙ୍କୁ ଘର ନଦେଇ କିଏ ଲୁଟିଲା ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ୨୦୧୯ ସାଧାରଣ ନିର୍ବାଚନ ଜିତିବା ପାଇଁ ରାଜ୍ୟ ସରକାର କାଳିଆ ଯୋଜନା ଲାଗୁ କରିଥିଲେ । ବାସ୍ତବରେ ଯୋଗ୍ୟ ଚାଷୀମାନେ ଏ ଯୋଜନାରୁ ବଂଚିତ ରହିଛନ୍ତି । ଦଳୀୟ ଭିତିରେ କାଳିଆ ଟଙ୍କା ବଂଟନ କରାଯାଇଛି । କାଳିଆ ଯୋଜନାରେ ଟଙ୍କା ଚାଷୀ ନପାଇ କୁଜିନେତା ପାଇଲେ କିପରି ? ବାପାଙ୍କ କେଉଁ ସ୍ୱପ୍ନ କ'ଣ ତାଙ୍କ ପୁଅ ପୂରଣ କରିବେ ? ପିପିଲି ଡେଲାଙ୍ଗର ଚାଷୀଙ୍କ ପାଇଁ ୩୫ ବର୍ଷ ମଧ୍ୟରେ ପୂର୍ବତନ ବିଧାୟକ ପ୍ରଦୀପ ମହାରଥୀ କ'ଣ କରିଛନ୍ତି ? ଦୁଇଥର କୃଷିମନ୍ତ୍ରୀ ତଥା ୭ଥର ବିଧାୟକ ହୋଇଥିବା ଦିବଙ୍ଗତ ବିଧାୟକଙ୍କ ପିପିଲି ଡେଲାଙ୍ଗ ଅଂଚଳରେ ଥିବା ଏକମାତ୍ର କୋଲ୍ଡଷ୍ଟୋର ଅଚଳ ହୋଇ ପଡିଛି, କୃଷି ବଜାର ଅଚଳ, ସାର ବିହନ ବ୍ଲକରେ ଉପଲବ୍ଧ ନଥାଏ । ସେହିପରି ଏଠି କୃଷି ଋଣ ଚାଷୀଙ୍କୁ ନଦିଆଯାଇ ଠିକାଦାରଙ୍କୁ ଦିଆଯାଏ । ବିଶ୍ୱ ପ୍ରସିଦ୍ଧ ଚାନ୍ଦୁଆ ଶିଳ୍ପ ଆଜି ସଙ୍କଟରେ । ଚାନ୍ଦୁଆ କାରିଗର ପରଘରେ ବାସନ ମାଜୁଛି, ବାଲି ସିମେଂଟ କାମ କରୁଛି ନହେଲେ ରାଜଧାନୀରେ ଶ୍ରମିକ ସାଜିଛି । ୧୯୯୨ରେ ଶୁଭ ପଡିଥିବା ବସଷ୍ଟାଣ୍ଡ ଆଜି ଯାଏଁ ନିର୍ମାଣ ହୋଇପାରିଲାନି । ୩୫ ବର୍ଷର ଅଖଣ୍ଡ କ୍ଷମତା ସତ୍ୱେ କାହିଁକି ଏହା ହୋଇପାରିଲା ନାହିଁ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ପିପିଲି ଏବଂ ଡେଲାଙ୍ଗରେ ସ୍ୱାସ୍ଥ୍ୟ ସେବା କଥା ନକହିଲେ ଭଲ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ପରିମାଣର ଡାକ୍ତର ନାହାଁନ୍ତି, ଟେଷ୍ଟିଂ ମେସନ ନାହିଁ । ଆଗାମୀ ଦିନରେ ପିପିଲି-ଡେଲାଙ୍ଗବାସୀ ବିକାଶ ବାଦରେ ସାମିଲ ହୋଇ ବିଜେପିକୁ ପୂର୍ଣ୍ଣ ସମର୍ଥନ ଦେବାକୁ ଶ୍ରୀ ପଟ୍ଟନାୟକ ନିବେଦନ କରିଛନ୍ତି । ଦଳୀୟ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ପାଇଁ ଆଜି ବିଜେପି ସାଂସଦ, ବିଧାୟକ, ରାଜ୍ୟ ପଦାଧିକାରୀ ପ୍ରମୁଖ ପିପିଲି ଡେଲାଙ୍ଗ ନିର୍ବାଚନମଣ୍ଡଳୀର ବିଭିନ୍ନ ପଂଚାୟତକୁ ଯାଇ ଘର ଘର ବୁଲି ପ୍ରଚାର କରିଛନ୍ତି । ସୁନ୍ଦରଗଡ ସାଂସଦ ଜୁଏଲ ଓରାମ, ସାଂସଦ ଅପରାଜିତା ଷଡଙ୍ଗୀ, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ରାଷ୍ଟ୍ରୀୟ ପ୍ରବକ୍ତା ଡା. ସମ୍ବିତ ପାତ୍ର ପ୍ରମୁଖ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର, ପ୍ରଥପ୍ରାନ୍ତ ସଭା, ବାଇକ ରାଲି, ପଦଯାତ୍ରାରେ ସାମିଲ ହୋଇ ପିପିଲି ପରିବର୍ତ୍ତନରେ ନିଜକୁ ସାମିଲ କରିବା ପାଇଁ ପିପିଲି–ଡେଲାଙ୍ଗବାସୀଙ୍କୁ ଅନୁରୋଧ କରିଛନ୍ତି ।

# ବାଲାବାବା କ୍ଲବର ସାଧାରଣ ବୈଠକ ଓ ପୁରସ୍କାର ବିତରଣ ଉତ୍ସବ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡାର ବହୁ ପ୍ରତିଷ୍ଠିତ ତଥା ୪୬ବର୍ଷର ବାଲାବାବା କ୍ଲବ୍ ତାର ସାଧାରଣ ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ କାକଟସ୍ଥିତ ଲୋକନାଥ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି କ୍ଲବ ଚଳିତବର୍ଷ କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ ସଂଘର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଥିବା ୧୯, ବର୍ଷରୁ କମ୍ ସିନିୟର ବିଭାଗରେ ଗ୍ରୁପ ପର୍ଯ୍ୟାୟରେ ଡେରାବିଶଠାରେ ଶୀର୍ଷସ୍ଥାନରେ କୃତିତ୍ୱ ଅର୍ଜନ କରିଥିବାରୁ ଓ ୧୬,୧୪ବର୍ଷରୁ କମ୍ ବିଭାଗରେ ଅନୁଷ୍ଠିତ କ୍ରିକେଟ୍ ଖେଳରେ କୃତିତ୍ୱପୂର୍ଣ୍ଣ ଅର୍ଜନ କରିଥିବାରୁ ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କୋଭିଡି ନିୟମକୁ ପାଳନ କରି ସାମାଜିକ ଦୂରତା ରକ୍ଷାକରି ବାଲାବାବା କ୍ଲବ୍‌ର ସଭାପତି ଅଜୟ ବେହେରାଙ୍କ ସଭାପତିତ୍ୱ କରି ପିଲାମାନଙ୍କୁ କ୍ଲବର ସୁନାମ ଅର୍ଜନ କରିବା ପାଇଁ ଶୃଙ୍ଖଳା, ଏକାଗ୍ରତା, କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ । ଏହି କ୍ଲବ ଅତୀତରେ ବହୁ କ୍ରିକେଟ ମ୍ୟାଚ ଖେଳି ଫାଇନାଲରେ ବିଜୟ ହୋଇ ସୁନାମ ଅର୍ଜନ କରିଛନ୍ତି । ସେହିପରି ଆଗାମୀ ପିଲାମାନଙ୍କୁ କଠିନ ପରିଶ୍ରମ କରି କ୍ଲବର ସୁନାମ ବଜାୟ ରଖିବାକୁ ଉପଦେଶ ଦେଇଥିଲେ । କ୍ଲବର ବହୁ ପୁରାତନ ସଦସ୍ୟ ଏଥିରେ ଯୋଗଦେଇ କ୍ଲବର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି କହିଥିଲେ ଯେ କ୍ଲବ ପାଇଁ ଆବଶ୍ୟକୀୟ ଉପକରଣ ହେଉ କିମ୍ବା ଆର୍ଥିକ ସହାୟତା ହେଉ ସବୁ କ୍ଷେତ୍ରରେ ଆଗେଇ ଆସିବେ ଓ ଓଡିଶାର ଅଭିଜ୍ଞ ଖେଳାଳିମାନଙ୍କୁ ଆଣି କ୍ଲବର ଖେଳାଳିମାନଙ୍କୁ ଉନ୍ନତ ମାନର ପ୍ରଶିକ୍ଷଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଏଥି ସହିତ ବିଗତ ବର୍ଷରେ କ୍ଲବର ଦିବଂଗତ ସଦସ୍ୟଙ୍କ ପାଇଁ ସ୍ମୃତିଚାରଣ କରିଥିଲେ । ଏହି ବୈଠକରେ ଉପସଭାପତି ବିଦ୍ୟୁତ ରଞ୍ଜନ ନାୟକ, ସମ୍ପାଦକ ଅନଜା ପ୍ରସାଦ ଦାସ,ସହ ସମ୍ପାଦକ ଗାଙ୍ଗେୟ କୁମାର ବିଶ୍ୱାଳ,କୋଷାଧକ୍ଷ ଚିତ ରଞ୍ଜନ ମହାନ୍ତିଙ୍କ ସହିତ ବରିଷ୍ଟ ସମ୍ପାଦକ ନାରାୟଣ ସାହୁ,ପ୍ରଭାତ ମହାରଣା,ଜ୍ୟୋତି ପ୍ରକାଶ ନାୟକ,ବିଶ୍ୱ ପ୍ରକାଶ ନାୟକ,କମଳାକାନ୍ତ ବାରିକ ଉପସ୍ଥିତ ରହି ବାଲାବାବା କ୍ଲବ୍‌ର ଉଦୟମାନ ଖେଳାଳିମାନଙ୍କୁ ପୁଷ୍ପଗୁଚ୍ଛ ସହ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ୨୦୨୦-୨୧ ବର୍ଷ,୧୪-୧୬ ବୟସରୁ କମ୍ ବର୍ଗରେ ଅଭିଜିତ ପଟ୍ଟନାୟକ,ଅଶୁତୋଷ ମହାନ୍ତି,ଅମ୍ଳାନଜ୍ୟୋତି ସାମନ୍ତରାୟ,ପ୍ରଭୁଦ ଜେନା,ରତିକ୍ ରାଉତରାୟ ସେହିପରି ୧୯ ବର୍ଷରୁ କମ୍ ବର୍ଗରେ କୌଶିକ୍ ବେହେରା,ପୁଷ୍ପରାଜ ମଲ୍ଲିକ୍,ଅମୁଲ୍ୟ ନାୟକ,ଅଭିଷ୍ୟ କିଶୋର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅମିତ ସାହୁ,ବିକାଶ ପରିଡା,ସଂଜୀବ ସାହୁ,ପ୍ରମୋଦ ସାମଲ,ପରେଶ ମହାନ୍ତି ୨୦୨୦-୨୧ ବର୍ଷର ସର୍ବଶ୍ରେଷ୍ଠ ଖେଳାଳି ରୁପେ ସମ୍ମାନିତ କରାଯାଇଥିଲା । ଏମରଜିଙ୍ଗ ପ୍ଲେୟାରସ୍ ଭାବେ ହିମାଂଶୁ ଶେଖର ଷଡଙ୍ଗୀ,ଅମିତ ନାୟକ,ଆଦର୍ଶ ଦାସ,ବିଜୟ ଦାସ,ତୁଷାର ରଞ୍ଜନ ରାଉତ,ମୋଜାବିର ଖାନ୍, ସୀତାକାନ୍ତ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା । ଅମିତ ତ୍ରିପାଠୀ,ଅମିତ ବିକ୍ରମ ଦାସ,ବିକ୍ରମ ପରିଡା,ମହମ୍ମଦ ବକ୍ତିଆରଙ୍କୁ ଶୃଙ୍ଖଳିତ ଖେଳାଳି ରୂପେ ପୁରସ୍କୃତ କରାଯାଇଥିଲା । କୁନି ଖେଳାଳି ଭାବେ ଅରଷଦ୍ ଇକବଲ୍‌ଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ବାଲାବାବା କ୍ଲବର ମ୍ୟାନେଜର ସୁବାଷ ସାହୁ ଉପସ୍ଥିତ ରହିବା ସଙ୍ଗେ ବହୁ ବରିଷ୍ଠ ଖେଳାଳି ଅସିତ ଦାସ, ରାଜରାମ ମହାନ୍ତି, ଜୀବନ୍ତ ମହାନ୍ତି, ଚିନ୍ମୟ କୁମାର ବିଶ୍ୱାଳ, ବିଜୟ କର, ସୁଧାଂଶୁ ଶେଖର ପତି, ହିମାଂଶୁ ମେହେର ସିଂହ, ବିରେନ ସ୍ୱାଇଁମ ସଞ୍ଜୟ ବିଶ୍ୱାଳ, ବିବେକ ବିକାଶ ମହାନ୍ତି, ରଜନୀକାନ୍ତ ନାୟକ, ପ୍ରକାଶ ମାହାଳି, ରଶ୍ମୀ ରଞ୍ଜନ ମହାନ୍ତି, ଶୁଭେନ୍ଦୁ ନାୟକ, ରାମଚନ୍ଦ୍ର ସାମଲ, ବିବେକାନନ୍ଦ ସାହୁ, ସୁବାଷ ସାହୁ, ନେତ୍ରନନ୍ଦ ସାହୁଙ୍କ ସମେତ ବହୁ ଉଦୟମାନ ଖେଳାଳି ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ । ଆଗାମୀ ଦିନରେ କ୍ରିକେଟ୍ ବ୍ୟୟୀୟ ସାମାଜିକ ଏବଂ ସଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନିଆଯିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା ।

## ପୋଲିସ ଉପସ୍ଥିତିରେ କରୋନା ନିୟମର ଉଲଘଂନ

ଧର୍ମଶାଳା:ମହାମାରୀ କରୋନା ତାର ଦ୍ୱିତୀୟ ଲହର ସାରା ରାଜ୍ୟରେ ତାର କାୟା ବିସ୍ତାର କରୁଥିବା ବେଳେ ଏହି କରୋନା ଅତି ମାରାତ୍ମକ ହୋଇଥିବାରୁ ସୁରକ୍ଷା ନିମନ୍ତେ କରୋନା ନିୟମକୁ କଡାକଡି ଭାବେ ପାଳନ କରିବାକୁ ପ୍ରଶାସନକୁ ଦାୟିତ୍ୱ ଦେଇଥିବା ବେଳେ ଯାଜପୁର ରସଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶିଶୁ ସୁରକ୍ଷା ଅଧିକାର ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ରସଲପୁର ପ୍ରେସ ଫୋରମ ତରଫରୁ ଆୟୋଜନ କରାଯାଇଥିବା ବେଳେ ଏଠାରେ ସରକାରଙ୍କ କରୋନା କଟକଣାକୁ ପୋଲିସ ଉପସ୍ଥିତରେ ସମ୍ପୂର୍ଣ୍ଣ ଭାବେ ଉଲଘଂନ କରାଯାଇଥିବା ଦେଖିବାକୁ ମିଳିଥିଲା । କଥାରେ ଅଛି ବାଡ ଯଦି ଫସଲ ଖାଇବ ତେବେ କହିବ କାହାକୁ ଆଧାରରେ ସାମ୍ବାଦିକ ମାନଙ୍କ ଦାୟିତ୍ୱ ଜନସାଧାରଣଙ୍କୁ ସୁରକ୍ଷା ଓ ସଚେତନ କରାଇବା ମଧ୍ୟ । କିନ୍ତୁ ତାହାର ଖୋଲାଖୋଲି ଉଲଘଂନକୁ ବହୁ ଲୋକ ନାପସନ୍ଦ କରିଛନ୍ତି । ମଂଚାସିନ ଅତିଥିମାନେ କରୋନା କଟକଣାକୁ ମାନିଥିବା ବେଳେ ମଂଚ ତଳେ ଥିବା ସମସ୍ତ ଜନସାଧାରଣ ଓ ଛାତ୍ର-ଛାତ୍ରୀ ମାନଙ୍କ ମଧ୍ୟରେ ଅଧିକାଂଶଙ୍କ ପାଖରେ ନା ଥିଲା ସମାଜିକ ଦୁରତା ନା ଥିଲା ମାସ୍କ । ଏହା କୌଣସି ମାଧ୍ୟମିକ ।ବିଦ୍ୟାଳୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ହୋଇ ନ ଥିବା ବେଳେ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ କାହା ଅନୁମତିରେ ସେମାନଙ୍କୁ ଏହି କାର୍ଯ୍ୟକ୍ରମକୁ ଛୁଟିଦିନରେ ଡକାଇ ସେମାନଙ୍କ ଜୀବନକୁ ବିପଦକୁ ଠେଲିଥିଲେ । ଏହି କାର୍ଯ୍ୟକ୍ରମ ପାଇଁ ପ୍ରେସ ଫୋରମକୁ ପ୍ରଶାସନ ପକ୍ଷରୁ ୨୦୦ ଲୋକଙ୍କ ଅନୁମତି ଥିବାବେଳେ ତାହାରୁ ଢେର ଅଧିକ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା । ସୂଚନା ଥାଉକି କାର୍ଯ୍ୟକ୍ରମ ସ୍ଥଳରୁ ପ୍ରାୟ ୨୦୦ମିଟର ଦୁରତାରେ ଜଣେ କରୋନା ଆକ୍ରାନ୍ତଚିହ୍ନଟ ହୋଇଥିବା ବେଳେ ଆଜି ପ୍ରଶାସନ କୌଣସି ସୁରକ୍ଷା ନିମନ୍ତେ ପଦକ୍ଷେପ ନେବା ବଦଳରେ କାର୍ଯ୍ୟକ୍ରମରେ ବ୍ୟସ୍ତ ଥିଲେ ।

# ବିପଦ ସଙ୍କୁଳ ଅବସ୍ଥାରେ ବୈତରଣୀ ସେତୁ; ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ

ଭଦ୍ରକ: ଭଦ୍ରକ ଓ କେନ୍ଦ୍ରାପଡା ଜିଲାକୁ ସିଧା ସଳଖ ସଂଯୋଗ କରୁଥିବା ଚାନ୍ଦବାଲି ଠାରେ ବୈତରଣୀ ନଦୀ ଉପରେ ନିର୍ମିତ ବୃହତ ବୈତରଣୀ ସେତୁ ଏବେ ବିପଦସଙ୍କୁଳ ହୋଇ ପଡିଛି । ସେତୁ ନିର୍ମାଣ ହେବାର ମାତ୍ର କେଇ ବର୍ଷ ମଧ୍ୟରେ ସେତୁ ଦବି ଯିବା ଏବଂ ଭାରି ଯାନ ଚଳାଚଳ ବେଳେ ସେତୁରେ ଅହେତୁକ କମ୍ପନ ସୃଷ୍ଟି ହେବା ଘଟଣାକୁ ନେଇ ସେତୁ ଉପରେ ନିର୍ଭରଶିଳ ଲୋକେ ଏବେ ଆତଙ୍କିତ ହୋଇ ପଡିଛନ୍ତି । ପୂର୍ବରୁ ଏହି ସେତୁର ପୁର୍ନରୁଦ୍ଧାର ଏବଂ ମରାମତି ସକାସେ ପ୍ରାୟ ୬ କୋଟିରୁ ଉର୍ଦ୍ଧ ଟଙ୍କାର ଏକ ବ୍ୟୟ ବରାଦ କରାଯାଇଥିଲେ ମଧ୍ୟ ଏହି ଅର୍ଥ ସେତୁ ପୁର୍ନରୁଦ୍ଧାର ସକାସେ ପର୍ଯ୍ୟାପ୍ତ ହୋଇନଥିବା ଦର୍ଶାଇ ଏହାର ପୁର୍ନରୁଦ୍ଧାର କରାଯାଇ ନଥିବା ଜଣାପଡିଛି । ଯାହାକୁ ନେଇ ଗତ ସପ୍ତାହ ପୂର୍ତ୍ତ ବିଭାଗର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଏକ ଉଚସ୍ତରିୟ ବୈଷୟିକ ପ୍ରତିନିଧି ଦଳ ସେତୁ ପରିଦର୍ଶନରେ ଆସି ସେତୁ ନିର୍ମାଣର ତୃଟି ସଂପର୍କରେ ଅନୁଧ୍ୟାନ କରି ଫେରିଛନ୍ତି । ଗତ ୨୦୦୮ ମସିହାରେ ପ୍ରାୟ ୧୭ କୋଟି ଟଙ୍କା ବ୍ୟୟ ଅଟକଳରେ ୪ ସ୍ପାନ ଏବଂ ୨୮୭ ମିଟର ଲମ୍ବର ଏହି ସେତୁର ଲୋକାର୍ପଣ କରାଯାଇଥିଲା । ଏହି ସେତୁ ନିର୍ମାଣ ହେବା ଫଳରେ ଚାନ୍ଦବାଲି ଏବଂ କଟକ ମଧ୍ୟରେ ପ୍ରାୟ ୫୦ କିମି ଦୁରତା ହ୍ରାସ ପାଇବା ସହିତ କେନ୍ଦ୍ରାପଡା ଏବଂ କଟକକୁ ସିଧା ସଳଖ ସଂପର୍କ ଯୋଡି ହୋଇ ପାରିଥିଲା । ସେତୁ ନିର୍ମାଣରେ ୧୨ କୋଟି ଏବଂ ବିସ୍ଥାପନ ଥଇଥାନରେ ପ୍ରାୟ ୫ କୋଟି ଏହି ପରି ମୋଟ ପ୍ରାୟ ୧୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ଗତ ୨୦୦୮ ମସିହା ମଇମାସ ୨୭ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଏହି ସେତୁ ଏବଂ ଏହାର ସଂଯୋଗକାରୀ ରାସ୍ତାର ଶୁଭ ଉଦଘାଟନ କରାଯାଇଥିଲା । ତେବେ ସେତୁ ନିର୍ମାଣ ହେବାର ମାତ୍ର ୭/୮ ବର୍ଷରେ ସେତୁର କିଛି ଅଂଶ ଧିରେ ଧିରେ ଦବିବାକୁ ଲାଗିଥିବା ବେଳେ ସେତୁ ଉପରେ ଭାରୀଯାନ ଚଳାଚଳ ବେଳେ ସେତୁରେ ଅହେତୁକ କମ୍ପନ ସୃଷ୍ଟି ହେବାକୁ ଲାଗିଥିଲା । ତେବେ ସେତୁ ନିର୍ମାଣକାରୀ ସଂସ୍ଥା ଏହାକୁ ହାଲୁକା ଭାବେ ଗ୍ରହଣ କରିବା ଯୋଗୁ ଧିରେ ଧିରେ ସେତୁ ଅଧିକରୁ ଅଧିକ ଦୁର୍ବଳ ଏବଂ ବିପଦ ସଙ୍କୁଳ ହେବାରେ ଲାଗିଥିଲା । ସେତୁ କାର୍ଯ୍ୟକ୍ଷମ ହେବାର ମାତ୍ର କେଇବର୍ଷ ପରେ ସେତୁର ଏହି ଦୁର୍ବଳତା ପଦାକୁ ଆସିଥିଲେ ମଧ୍ୟ କର୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଇନଥିଲେ । ଫଳରେ ସେତୁର ସ୍ଥାଇତ୍ୱକୁ ନେଇ ଏବେ ସାଧାରଣ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସ୍ଥାନୀୟ ଲୋକେ ଏହାକୁ ସେତୁ ନିର୍ମାଣକାରୀ ସଂସ୍ଥାଙ୍କ ବିଫଳତା କହୁଥିବା ବେଳେ ଆଉକିଛି ପୂର୍ତ୍ତବିଭାଗର ଅଦୁରଦର୍ଶିତା ବୋଲି କହୁଛନ୍ତି । ସେତୁ ନିର୍ମାଣ ସକାସେ ମଞ୍ଜୁର ଅର୍ଥକୁ ଯଥାର୍ଥଭାବେ ବିନିଯୋଗ କରାନଯାଇ ଏହାର ବ୍ୟାପକଅର୍ଥ ବାଟମାରଣା କରାଯିବା ଯୋଗୁ ଏହି ଅବସ୍ଥା ସୃଷ୍ଟି ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି । ତେବେ ଏଥିନେଇ ପୂର୍ତ୍ତ ବିଭାଗର ଚାନ୍ଦବାଲି ସେକସନର ସହକାରୀ ଇଂଜିନିୟର ସିଦ୍ଧେଶ୍ୱର ବେହେରାଙ୍କ ସହ ଯୋଗା ଯୋଗ କରାଯାଇଥିବା ବେଳେ ସେ କହିଥିଲେ ଯେ ଗତ କିଛିଦିନ ହେବ ଏହି ସେତୁରେ କିଛି ଡିପ୍ଲେକସନ ଅନୁଭୁତ ହେବା ସହିତ କିଛି ଅଂଶ ଦବି ଯିବା ଭଳି ମନେ ହେଉଛି । ତେବେ ଏଥିନେଇ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି । ତଥାପି ଏହାର ପୁର୍ନରୁଦ୍ଧାର ଏବଂ ସ୍ଥାଇ ମରାମତି ସକାସେ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଗାମୀ ୬ ମାସ ମଧ୍ୟରେ ସେତୁ ମରାମତି ଏବଂ ପୁର୍ନରୁଦ୍ଧାର ପ୍ରକ୍ରିୟା ଚୁଡାନ୍ତ ହେବ ବୋଲି ସେ କହିଛନ୍ତି ।

# ଧାମରାରେ ପ୍ରବାସୀ ଶ୍ରମିକଙ୍କ ଅସ୍ୱାଭିବକ ମୃତ୍ୟୁ

ଭଦ୍ରକ: ଧାମରା ବନ୍ଦରରେ କାର୍ଯ୍ୟରତ ଜଣେ ବିହାରୀ ଶ୍ରମିକଙ୍କ ଅସ୍ୱାଭିକ ମୃତ୍ୟୁ ହୋଇଛି । ଖବରରୁ ପ୍ରକାଶ ଧାମରା ଏଲ ଏନ ଜି ଟର୍ମିନାଲ ସାଇଟରେ କାର୍ଯ୍ୟରତ ଆଡ୍ରଏଟ କମ୍ପାନୀରେ କାର୍ଯ୍ୟକରୁଥିବା ବିହାର ରାଜ୍ୟର ମଧେପୁରା ଜିଲାର ରାମନଗର ଗ୍ରାମର ସୋନୁ କୁମାର (୧୯)ଙ୍କ ଅସ୍ୱଭାବିକ ଭାବରେ ମୃତ୍ୟୁ ହୋଇଯାଇଛି । ଦୀର୍ଘ ଦିନ ହେବ ସେ ଆଡ୍ରଏଟ କମ୍ପାନୀରେ କାର୍ଯ୍ୟକରି ଆସୁଥିବା ବେଳେ ଗତକାଲି ଆଡ୍ରଏଟ କମ୍ପାନୀର ପ୍ରକଳ୍ପ କାର୍ଯ୍ୟକାରୀ ନିର୍ଦ୍ଦେଶକଙ୍କ ସହ ବିଭିନ୍ନ ଶ୍ରମିକ ଭତାକୁ ନେଇ ଯୁକ୍ତିତର୍କ ହୋଇଥିଲା । ସଂପୃକ୍ତ କମ୍ପାନୀ କାର୍ଯ୍ୟକର୍ତା ତାଙ୍କୁ ଗାଳିଦେଇଥିଲେ ବୋଲି ମୃତ ଯୁବକ ସୋନୁ କୁମାରଙ୍କ ସାଥି ମାନେ ଅଭିଯୋଗ କରିଥିଲେ । ଆଜି ସକାଳ ସମୟରେ ସୋନୁ କୁମାର ଭଡା ନେଇ ରହିଥିବା ଘରେ ମରି ପଡିଥିବା ଦେଖିବାକୁ ମିଳିଥିଲା ।ଉକ୍ତ ଭଡା ଘରେ ଥିବା ସୋନୁ କୁମାରଙ୍କ ସାଙ୍ଗ ସାଥି ସୋନୁ ଭଡା ଘରେ ଥିବା ସିଲିଂ ଫ୍ୟାନରେ ଫାସି ଦେଇ ମରିଥିବା କହୁଥିବା ବେଳେ ଭାରତୀୟ ମଜଦୁର ସଂଘର କାର୍ଯ୍ୟକର୍ତା ସୋନୁ କୁମାରଙ୍କୁ କମ୍ପାନୀ କର୍ତୃପକ୍ଷ ମାରି ଦେଇଥିବା ଅଭିଯୋଗ ଆଣିଛନ୍ତି । ବିଭିନ୍ନ ସମୟରେ ସୋନୁ କେନ୍ଦ୍ର ସରକାର ଦେଉଥିବା ସମସ୍ତ ଭତା କାହିଁକି ଲାଗୁ କରା ନଯିବ ସେ ନେଇ କମ୍ପାନୀ କର୍ତୃପକ୍ଷଙ୍କ ସହ ଯୁକ୍ତି କରୁଥିଲା । ଫଳରେ କମ୍ପାନୀ କର୍ତୃପକ୍ଷ ଉକ୍ତ ଯୁବକକୁ ନିଜ ରାସ୍ତାରୁ ହଟାଇଦେବା ଲାଗି ଏହା ଏକ ମସୁଧା ବୋଲି ଅଭିଯୋଗ ଆଣିଛନ୍ତି । ଆଜି ଦିନ ୧୨ଟା ପର୍ଯ୍ୟନ୍ତ ସୋନୁ କୁମାରଙ୍କ ମୃତ ଦେହ ଟୁଟୁ ମହାନ୍ତିଙ୍କ ଘରେ ପଡି ରହିଥିଲା ପରେ ଏହାକୁ ଡାକ୍ତରୀ ମାଇନା ପାଇଁ ପଠାଯିବାକୁ ଯୋଜନା ଚାଲିଥିଲା । ସୋନୁ କୁମାରଙ୍କ ପରିବାରକୁ ୪୦ଲକ୍ଷ ଟଙ୍କା ଅନୁକମ୍ପା ରାଶି ସହ ସୋନୁଙ୍କ ପରିବାରର ଜଣକୁ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ଦିଆଯିବାକୁ ବିଏମଏସର କାର୍ଯ୍ୟକର୍ତା ଚନ୍ଦ୍ର ଶେଖର ଜେନା,ମନୋଜ ବସନ୍ତ ରାୟ,ମନୋଜ ଲେଙ୍କା ପ୍ରମୁଖ ଦାବୀ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଆନ୍ତଃ ସିନିୟର କ୍ଲବ କ୍ରିକେଟ ଟୁର୍ଣ୍ଣାମେଂଟ-୨୦୨୧ରେ ଡ଼ିଆରକେ-ଏ ଚମ୍ପିଆନ

ବାରିପଦା:ସ୍ଥାନୀୟ ବାରିପଦା ଷ୍ଟାଡ଼ିୟମ ପରିସରରେ ଓଡ଼ିଶା କ୍ରିକେଟ ଆସୋସିଏସନ ଓ ମୟୂରଭଞ୍ଜ ଆଥେଲେଟିକ ଆସୋସିଏସନ ଅନୁକୂଲ୍ୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଆନ୍ତଃ ସିନିୟର କ୍ଲବ କ୍ରିକେଟ ଟୁର୍ଣ୍ଣାମେଂଟ-୨୦୨୧ ଫାଇନାଲ ମ୍ୟାଚରେ ବାରିପଦା ସହରର ଡ଼ିଆରକେ-ଏ କ୍ଲବ ରାଇରଙ୍ଗପୁର କ୍ରିକେଟ କ୍ଲବକୁ ୯୦ ରନ୍ ବ୍ୟବଧାନରେ ପରାସ୍ତ କରି ଚମ୍ପିଆନ ଆଖ୍ୟା ଅର୍ଜନ କରିଛି । ମ୍ୟାଚରେ ଡ଼ିଆରକେ-ଏ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୫ ଓଭରରେ ୬ ଉଇକେଟ ହରାଇ ୩୨୨ ରନ୍ ସଂଗ୍ରହ କରିଥିଲେ । କ୍ଲବ ପକ୍ଷରୁ ଦିବ୍ୟରଞ୍ଜନ ଦାସ ସର୍ବାଧିକ ୯୯ ରନବ କରିଥିବା ବେଳେ ଅବିନାଶ ଖଣ୍ଡେଲୱାଲ ୭୧ ରନ ଓ ଆଦିତ୍ୟ କୁମାର ବସା ୬୬ ରନ୍‌ର ଯୋଗଦାନ ଦେଇଥିଲେ । ସେହିପରି ରାଇରଙ୍ଗପୁର କ୍ରିକେଟ କ୍ଲବ ପକ୍ଷରୁ ଅଭିଶେକ୍ ପରିଡ଼ା ଓ ଦେବାଶିଷ ମହାନ୍ତ ପ୍ରତ୍ୟେକେ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଏହାପରେ ରାଇରଙ୍ଗପୁର କ୍ରିକେଟ କ୍ଲବ ୩୨୩ ରନର ବିଜୟ ଲକ୍ଷ ନେଇ ପଡ଼ିଆକୁ ଓହ୍ଲାଇ ୨୪.୫ ଓଭରରେ ୩ ଉଇକେଟ ହରାଇ ୧୦୪ ରନ୍ ସଂଗ୍ରହ କରିଥିବା ବେଳେ ବର୍ଷା ଆରମ୍ଭ ହୋଇଯାଇଥିଲା । ଫଳରେ ଡ଼କ ଉଇଥ ନିୟମ ଅନୁସାରେ ଡ଼ିଆରକେ-ଏ କ୍ଲବର ରନ ରେଟ ଅଧିକ ରହିଥିବାରୁ ତାଙ୍କୁ ବିଜେତା ବୋଲି ଘୋଷଣା କରାଯାଇଥିଲା । ରାଇରଙ୍ଗପୁର କ୍ରିକେଟ କ୍ଲବ ପକ୍ଷରୁ ଦେବାଶିଷ ମହାନ୍ତ ସର୍ବାଧିକ ୫୨ ରନଂ କରିଥିବା ବେଳେ ଡ଼ିଆରକେ-ଏ କ୍ଲବ ପକ୍ଷରୁ ଉପେନ୍ଦ୍ର ନାଏକ ସର୍ବାଧିକ ୨ଟି ଉଇକେଟ ଅକ୍ତିଆର କରିଥିଲେ । ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସମାରୋହରେ ମୟୂରଭଞ୍ଜ ଆଥେଲେଟିକ୍ ଆସୋସିଏସନର ଉପସଭାପତି ଗରିଶ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳାଳୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନର ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ, ବିଶିଷ୍ଟ କ୍ରୀଡ଼ାବିତ ଗୌରୀଶଙ୍କର ସିହ୍ନା ଓ ସରୋଜ କୁମାର ବୋଷ ପ୍ରମୁଖ ଯୋଗ ଦେଇ ଓସିଏ ଭିଜନ-୨୦୨୪ ଉପରେ ଆଲୋକପାତ କରାଇଥିଲେ । ଏହାପରେ ଟୁର୍ଣ୍ଣାମେଂଟରେ ସର୍ବାଧିକ ୫୦୫ ରନ ସ୍କୋର କରିଥିବା ଅଭିଜ୍ଞାନ ମହାନ୍ତି, ଗୋଟାଏ ମ୍ୟାଚରେ ବ୍ୟକ୍ତିଗତ ଭାବେ ସର୍ବାଧିକ ୧୬୮ ରନ ସ୍କୋର କରିଥିବା ପ୍ରିତପାଲ ସିଂହ, ସର୍ବାଧିକ ୨୪ଟି ଛକ୍କା ଓ ୬୩ଟି ଚୌକା ମାରିଥିବା ଅଭିଜ୍ଞାନ ମହାନ୍ତି, ସର୍ବାଧିକ ୧୭ଟି ଉଇକେଟ ଅକ୍ତିଆର କରିଥିବା ବୋଲର ଅଭିଜିତ ପ୍ରସାଦ ଘଣା, ଗୋଟାଏ ମ୍ୟାଚରେ ସର୍ବାଧିକ ୬ଟି ଉଇକେଟ ନେଇଥିବା କ୍ଷେତ୍ରବାସୀ ବାରିକ, ସବୁଠାରୁ ମୂଲ୍ୟବାନ ଯୋଗଦାନ ଦେଇଥିବା ଦେବାଶିଷ ମହାନ୍ତ ଓ ଟୁର୍ଣ୍ଣାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳୀ ଭାବେ ଅଭିଜ୍ଞାନ ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ ଟୁର୍ଣ୍ଣାମେଂଟରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳଗୁଡ଼ିକରୁ ମୋଟ ୧୪ଟି କ୍ଲବ ଅଂଶ ଗ୍ରହଣ କରିଥିବା ବେଳେ ଆମ୍ପେୟାର ଭାବେ ଅରୁଣ ବାରିକ, ଅମିତାଭ ପଟ୍ଟନାୟକ, ମନମୋହନ ମୁର୍ମୁ, କେ ଇନ୍ଦ୍ରଜିତ ପ୍ରସାଦ ପ୍ରମୁଖ ମ୍ୟାଚକୁ ପରିଚାଳନା କରିଥିବା ବେଳେ ସ୍କୋର ଭାବେ ଉତମ ମହାକୁଡ଼, ମନୀଷ ମହାନ୍ତି, ଜ୍ୟୋତିର୍ମୟ ଅଠା, ସୁମନ୍ତ ନାଏକ, ତୁଷାର ବେହେରା, ସମ୍ବିତ ମହାରଣା ପ୍ରମୁଖ ସହାୟତା ଏବଂ ଟୁର୍ଣ୍ଣାମେଂଟକୁ ସଫଳ କରାଇବାରେ ଅମିତ ବିଶ୍ୱାସ, ସଞ୍ଜୀବ ମହାନ୍ତି, ଲକ୍ଷ୍ମୀଧର ସିଂ ପ୍ରମୁଖଙ୍କ ସମେତ ବିଜେଏମସିସି ଓ ମୁସ୍କାନ କ୍ଲବର ସମସ୍ତ କର୍ମକର୍ତାମାନେ ସହଯୋଗ କରିଥିଲେ । ଶେଷରେ ଟୁର୍ଣ୍ଣାମେଂଟର ସଫଳତା ପାଇଁ ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ କଳାହାଣ୍ଡି କ୍ଲବ ପାଇଁ ଉକ୍ତ ଟୁର୍ଣ୍ଣାମେଂଟରୁ ସଫଳ ଖେଳାଳୀମାନଙ୍କୁ ନେଇ ମୟୂରଭଞ୍ଜ ଟିମ ଗଠନ କରାଯିବ ବୋଲି ସୂଚନା ଦେଇଥିଲେ ।

## ମନ୍ତ୍ରୀଙ୍କ ପାନୀୟ ଜଳ ଯୋଗାଣ ସମୀକ୍ଷା : ଜଳ ଯୋଗାଣ କର୍ମଚାରୀଙ୍କ ଛୁଟି ବାତିଲ୍

ଭୁବନେଶ୍ୱର: ଗ୍ରାମାଂଚଳ ଓ ସହରାଂଚଳ ଜଳ ଯୋଗାଣ କର୍ମଚାରୀଙ୍କ ଛୁଟି ବାତିଲ୍ । ଗ୍ରୀଷ୍ମପ୍ରବାହ ଦୃଷ୍ଟିରୁ ପାନୀୟଜଳ ପାଇଁ ଲୋକମାନେ ଯେପରି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିଲାଗି ଦାୟିତ୍ୱରେଥିବା ଅଧିକରୀମାନେ ବିନା ଅନୁମତିରେ ସଦରମହକୁମା ଛାଡିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି । ଜଳକ୍ଲିଷ୍ଟ ଅଂଚଳ ମାନଙ୍କରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ସଂପର୍କରେ ପଚାଂୟତିରାଜ , ପାନୀୟ ଜଳ , ଆଇନ , ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସୋମବାର ଦିନ ସମୀକ୍ଷା କରି ଏହି ସୂଚନା ଦେଇଛନ୍ତି । ଅପରପକ୍ଷରେ ପାନୀୟ ଜଳ ଯୋଗାଣ ପାଇଁ ୩ ଟି ଟୋଲ ଫ୍ରି ନମ୍ବର ଜାରି କରାଯାଇଛି ।

# ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ବାବିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक



Bhubaneswar Wednesday April 14, 2021 ଭୁବନେଶ୍ୱର ବୁଧବାର, ଅପ୍ରେଲ ୧୪,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ପିପିଲିରେ ଶାନ୍ତି ଓ ବିକାଶ ପାଇଁ ବିଜେପିକୁ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ପିପିଲି:କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀର ଦଳୀୟ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ସମର୍ଥନରେ ମାରାଥନ ନିର୍ବାଚନ ପ୍ରଚାର କରିଛନ୍ତି। ଏହି ଅବସରରେ ପିପିଲିରେ ଶାନ୍ତି ଓ ବିକାଶ ପାଇଁ ଜନସାଧାରଣଙ୍କୁ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା ତଥା ବିଜେପିକୁ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି। ସେହିପରି ଶାନ୍ତିପୂର୍ଣ୍ଣ ଓ ନିରପେକ୍ଷ ନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ ଆୟୋଗ ଓ ପୋଲିସ ଡିଜିଙ୍କୁ ଅନୁରୋଧ କରିଛନ୍ତି ଶ୍ରୀ ପ୍ରଧାନ। ପିପିଲି ଏବଂ ଡେଲାଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ବିଶାଳ ନିର୍ବାଚନୀ ରୋଡ ଶୋ' କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପିପିଲି ହେଉଛି ଆମ ସଭ୍ୟତା, ମହାପ୍ରଭୁ ଜଗନ୍ନାଥ ତଥା ଓଡ଼ିଆ ସଂସ୍କୃତିର ମୁଖଶାଳା। ଆମେ ଯେତେବେଳେ ମହାତ୍ମା ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ପାଳନ କରୁଛେ ସେହି ସମୟରେ ପୁରୀ ଜିଲ୍ଲା ପିପିଲିରେ ଉପନିର୍ବାଚନ ହେଉଛି। ୧୯୩୮ ମସିହାରେ ମହାତ୍ମା ଗାନ୍ଧି କସ୍ତୁରବାଙ୍କ ସହିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ମହାଦେବ ଦେଶାଇ ପୁରୀ ଜିଲ୍ଲାର ପିପିଲି- ଡ଼େଲାଙ୍ଗ ତଥା ବେରବୋଇ ଅଂଚଳରେ ୮ ଦିନ ରହିଥିଲେ। ଏହି ସମୟରେ ତାଙ୍କ ସାଙ୍ଗରେ ଥିଲେ ଡା. ହରେକୃଷ୍ଣ ମହତାବ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ରମା ଦେବୀ, "ମାଳତୀ ଦେବୀ, ଆଚାର୍ଯ୍ୟ ହରିହରଙ୍କ ଭଳି ଓଡ଼ିଶାର ତୁଙ୍ଗ ନେତୃତ୍ୱ। ସେ ସମୟରେ ଦେଶର ସ୍ୱତନ୍ତ୍ରତା ସଂଗ୍ରାମ ପାଇଁ ଅର୍ଥନୀତି, ସ୍ୱଦେଶୀ ନୀତି, ଖଦି, ଜାତିପ୍ରଥା, ସେବା ତଥା ବିଭିନ୍ନ ସମାଜ ସଂସ୍କାରର ଆଲୋଚନା ଏ ପବିତ୍ର ମାଟିରେ ହୋଇଥିଲା। ସ୍ୱାଧୀନତାର ସବୁଠୁ ବଡ଼ ଉପଲବ୍ଧି ଗଣତନ୍ତ୍ର। ଶାନ୍ତି ଓ ଭାଇଚାରା ସବୁଠୁ ବଡ଼ ଉପଲବ୍ଧି। ମାତ୍ର ବିଗତ ୪୦ ବର୍ଷ ଧରି ପିପିଲିରେ ଶାନ୍ତି ନାହିଁ। ଏଠାରେ ଶାନ୍ତି ହଜି ଯାଇଛି। ପିପିଲିରେ ଶାନ୍ତି ଆସିଲେ ଅଂଚଳର ବିକାଶ ହେବ ଓ ପ୍ରଗତି ହେବ। ଏଠାରେ ରୋଜଗାର ବଢ଼ିବ, ଦାରିଦ୍ର୍ୟ ମୁକ୍ତ ହେବ, ପିପିଲି ଚାନ୍ଦୁଆ ବିକ୍ରି ହେବ, କୃଷି ଉତ୍ପାଦିତ ସାମଗ୍ରୀ ବିକ୍ରି ହେବ ଏବଂ ଲୋକଙ୍କ ଭିତରେ ସମ୍ପନ୍ନତା ଆସିବ। ତେଣୁ ପିପିଲିର ସବୁ ଭୋଟର ଭାଇ ଭଉଣୀ, ରାଜନୈତିକ ଦଳ ଓ ରାଜନୈତିକ ନେତୃତ୍ୱଙ୍କୁ ପିପିଲିରେ ଶାନ୍ତି ଆପଣାଇବା ପାଇଁ ବିନମ୍ର ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ମନ୍ତ୍ର – ସବ୍‌କା ସାଥ୍ – ସବ୍‌କା ବିକାଶ – ସବ୍‌କା ବିଶ୍ୱାସ। ଏହି ମନ୍ତ୍ରରେ ବିଭିନ୍ନ ଯୋଜନାର ଲାଭ ସର୍ବସମାଜକୁ ମିଳୁ ଏହି ନିର୍ବାଚନରେ ନିଷ୍ପତି ହେଉ। ପିପିଲିରେ ଶାନ୍ତି ପ୍ରତିଷ୍ଠା ହେଲେ ମୋଦିଙ୍କ ଏହି ମନ୍ତ୍ର ପୂରଣ ହୋଇପାରିବ। ଶ୍ରୀ ପ୍ରଧାନ ପୋଲିସ ଡ଼ିଜିଙ୍କ ସହ କଥା ହୋଇ ପିପିଲିରେ ନିରପେକ୍ଷ ନିର୍ବାଚନ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ହେବା ନେଇ ନିବେଦନ କରିଥିବା ବେଳେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପାଖରେ ମଧ ପିପିଲିରେ ଶାନ୍ତିପ୍ରତିଷ୍ଠା ପାଇଁ ନିରପେକ୍ଷ ନିର୍ବାଚନ ହେବା ନେଇ ଅପେକ୍ଷା ରଖିଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଥମେ ପିପିଲି ବ୍ଲକର ଉତରା ଛକ ଠାରୁ ଗୁଡିଆ ପୋଖରୀ, ଜଇସନ ପାଟଣା, ପିପିଲି ଏନଏସି, ଜଟଣୀ ଛକ, ଜଟଣୀ ରୋଡ, ଡଙ୍ଗୋହିରି, ହାଟସାହୀ, ବାଜପେୟୀ, ଦାଣ୍ଡ ମୁକୁନ୍ଦପୁରୁ, ମଙ୍ଗଳପୁରୁ, ତେଇସିପୁରୁ ଦେଇ ସାତଶଙ୍ଖ ପର୍ଯ୍ୟନ୍ତ ନିର୍ବାଚନ ପ୍ରଚାର କରିଥିଲେ। ଏହାସହ ପରେ ସାତଶଙ୍ଖ ଠାରୁ ପଟ୍ଟନାୟିକା, ମୋହିନୀମଠ, ପିଢାପାଟଣା, ଷ୍ଟେସନ ବଜାର ପର୍ଯ୍ୟନ୍ତ ନିର୍ବାଚନ ଶୋଭାଯାତ୍ରା କରି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ନିବେଦନ କରିଥିଲେ।

## ଗଛରେ ପଣା ଦେଇ ଶୁଭ ମନାସିଲେ ପରିବେଶବିତ୍

ଭୁବନେଶ୍ୱର: ଆଜି ପବିତ୍ର ମହାବିଷୁବ ତଥା ପଣା ସଂକ୍ରାନ୍ତି। ଉତ୍କଳୀୟ ନବବର୍ଷ। ଉତ୍କଳର ପୁରପଲ୍ଲୀ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ପ୍ରତ୍ୟେକ ଓଡ଼ିଆ ଉଲ୍ଲାସର ସହ ପଣା ପିଇ ପର୍ବଟିକୁ ପାଳନ କରିଥାନ୍ତି। ପ୍ରତ୍ୟେକ ଓଡ଼ିଆ ପରିବାରରେ ପଣାର ଆସର ଦେଖିବାକୁ ମିଳିଥାଏ। ଏହି ଦିନ ଦେବା, ଦେବୀଙ୍କ ନିକଟରେ ପଣା ଲାଗି କରାଯାଇଥାଏ। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପ୍ରତ୍ୟେକ ଓଡ଼ିଆ ପରସ୍ପରକୁ ଓଡ଼ିଆ ନବବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ପଣା ପିଇ ନୂଆ ବର୍ଷକୁ ସ୍ୱାଗତ କରିଥାନ୍ତି। ସାଧାରଣତଃ ଏହି ପର୍ବଟି ଗ୍ରୀଷ୍ମଋତୁରେ ପଡ଼ିଥାଏ। ପରମ୍ପରା ଅନୁସାରେ ରୌଦ୍ରତାପର ପ୍ରଚଣ୍ଡ ପ୍ରଭାବକୁ ପ୍ରଶମିତ କରିବା ପାଇଁ ସୂର୍ଯ୍ୟ ଦେବତାଙ୍କୁ ଏହି ଦିନରେ ପଣା, ଛତୁଆ ଇତ୍ୟାଦି ଭୋଗ ଲାଗି କରାଯାଇଥାଏ। ତତ୍‌ସହିତ ବୃନ୍ଦାବତୀ ଅର୍ଥାତ୍ ତୁଳସୀ ଗଛରେ ପଣା, ପାଣି ଦେଇ ପୂଜା ଅର୍ଚ୍ଚନା କରିବାର ବିଧି ରହିଥାଏ। ଓଡ଼ିଆ ଜାତିର ଏହି ପରମ୍ପରା ଓ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ସ୍ମାର୍ଟନଗରୀ ଭୁବନେଶ୍ୱରର ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଏହି ଅବସରରେ ସାରା ବିଶ୍ୱକୁ ଏକ ବଳିଷ୍ଠ ବାର୍ତ୍ତା ଦେବାକୁ ପ୍ରୟାସ କରିଛନ୍ତି।ଶ୍ରଦ୍ଧା ଓ ଭକ୍ତିର ସହ ବୃନ୍ଦାବତୀ ଅର୍ଥାତ୍ ତୁଳସୀ ଗଛ ସ୍ଥାପନ କରି ଫୁଲ, ଚନ୍ଦନ, ସିନ୍ଦୁର ଲଗାଇ ବୃନ୍ଦାବତୀଙ୍କୁ ପୂଜା ଅର୍ଚ୍ଚନା କରିଛନ୍ତି। ଜଳଦାନ ଲାଗି ଛୋଟ କଳସରେ ପଣା, ପାଣି ରଖି ଚଉରା ଉପରେ ଝୁଲାଇଛନ୍ତି। ଏ ସମ୍ପର୍କରେ ଶ୍ରୀ ସାହୁ କୁହନ୍ତି ମହାବିଷୁବ ସଂକ୍ରାନ୍ତି ଠାରୁ ବସନ୍ତ ଋତୁର ଶେଷ ଓ ଗ୍ରୀଷ୍ମ ଋତୁର ଆରମ୍ଭ ହୋଇଥାଏ। ଜଳଦାନ ଦ୍ୱାରା ତୁଳସୀ ଗଛ ଗ୍ରୀଷ୍ମ ଦାଉରୁ ସୁରକ୍ଷିତ ରହିବା ସହ ଆଗାମୀ ବର୍ଷା ଋତୁର ସୂଚନା ଦେଇଥାଏ। ଏତଦ୍‌ସହ ବସୁଧାକୁ ଶୀତଳ ରଖିବା ପାଇଁ ବୃନ୍ଦାବତୀ ନିକଟରେ ପୂଜା କରିବା ସହ ପ୍ରାର୍ଥନା କରାଯାଇଥାଏ। ଏହି ସଂକ୍ରାନ୍ତି 'ଜଳ ସଂକ୍ରାନ୍ତି' ଭାବେ ବି ପରିଚିତ। ସମ୍ପ୍ରତି ସାରା ବିଶ୍ୱରେ ଦିନକୁ ଦିନ ଗ୍ଲୋବାଲ ୱାର୍ମିଂର ପ୍ରଭାବ ବଢିବାରେ ଲାଗିଛି। ଏହି ପବିତ୍ର ଦିନରେ ନିଜ ଚତୁଃପାର୍ଶ୍ୱରେ ଅନ୍ତତଃ ସଭିଏଁ ଗୋଟିଏ ଲେଖାଏଁ ତୁଳସୀ ଗଛ ହେଉ ନଚେତ୍ ଯେକୌଣସି ଗୋଟିଏ




ବୃକ୍ଷ ଲଗାଇବା ପାଇଁ ସଭିଏଁ ସଂକଳ୍ପ ନିଅନ୍ତୁ ବୋଲି ଶ୍ରୀ ସାହୁ ଏହି ଅବସରରେ ଆଶାପ୍ରକଟ କରିଛନ୍ତି। ଶ୍ରୀ ସାହୁଙ୍କ ଏହି ଉଦ୍ୟମକୁ ବିଭିନ୍ନ ମହଲରେ ସ୍ୱାଗତ କରିବା ସହ ପ୍ରଶଂସା ବି କରାଯାଇଛି।

## କୋଭିଡ୍-୧୯ ଲଢ଼େଇରେ ସହାୟତା ପାଇଁ ବାର୍ଷିକ ଲାଭର ୦.୨୫% ଦେବାକୁ ଏସ୍‌ବିଆଇ ପ୍ରତିବଦ୍ଧ

ଭୁବନେଶ୍ୱର: ଭାରତରେ କୋଭିଡ୍-୧୯ ବ୍ୟାପିବା କାରଣରୁ ସୃଷ୍ଟି ହୋଇଥିବା ସ୍ଥିତି ବିରୋଧରେ ଲଢ଼େଇ ପାଇଁ ୨୦୧୯-୨୦ ଆର୍ଥିକ ବର୍ଷର ବାର୍ଷିକ ଲାଭର ୦.୨୫% ପ୍ରତି ପ୍ରଦାନ କରିବାର ପ୍ରତିବଦ୍ଧତା ବିଷୟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଘୋଷଣା କରିଛି। କୋଭିଡ୍-୧୯ ବିରୋଧ ଲଢ଼େଇ ପାଇଁ ସିଏସ୍‌ଆର୍ ପାଣ୍ଠିର ଅର୍ଥକୁ ବିନିଯୋଗ କରାଯିବ। କୋଭିଡ୍-୧୯ ମୁକାବିଲା ପାଇଁ ସିଏସ୍‌ଆର୍ ପାଣ୍ଠିରୁ ହେଉଥିବା ଖର୍ଚ୍ଚକୁ ସିଏସ୍‌ଆର୍ ଖର୍ଚ୍ଚ ଭାବେ ବିବେଚନା କରାଯିବ ବୋଲି କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଜାରି କରିଥିବା ବିଜ୍ଞପ୍ତି ଅନୁଯାୟୀ ବ୍ୟାଙ୍କ ଏହି ପଦକ୍ଷେପ ନେଇଛି।ବ୍ୟାଙ୍କ ପକ୍ଷରୁ ଏହି ପାଣ୍ଠିକୁ କୋଭିଡ୍-୧୯ ମୁକାବିଲା ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟକଳାପ ଲାଗି ବ୍ୟବହାର କରାଯିବ, ବିଶେଷ କରି ଶିଳ୍ପ ଓ ସ୍ୱାସ୍ଥ୍ୟ ସେବା ବୃତିଧାରୀଙ୍କ ସହଯୋଗରେ ଉପେକ୍ଷୀତ ବର୍ଗର ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ସହାୟତା ପ୍ରଦାନ କରାଯିବ। କେତେକ ଅଭିଯାନ ସ୍ୱାସ୍ଥ୍ୟ ସେବାର ପ୍ରଚାରରେ କେନ୍ଦ୍ରୀତ ରହିବ ଯଥା ପ୍ରତିଷେଧମୂଳକ ସ୍ୱାସ୍ଥ୍ୟ ସେବା ଓ ପରିମଳ ଏବଂ ବିପର୍ଯ୍ୟୟ ପରିଚାଳନା।ଏସ୍‌ବିଆଇର ଅଧ୍ୟକ୍ଷ ରଜନୀଶ କୁମାର କହିଛନ୍ତି ଯେ, ଣ୍ଏହା ହେଉଛି ସାରା ଦେଶ ଏକଜୁଟ ହେବାର ସମୟ। ଏହି କଠିନ ପରିସ୍ଥିତିରେ ଯଥା ସମ୍ଭବ ଶ୍ରେଷ୍ଠ ଉପାୟରେ ଭାରତର ଲୋକମାନଙ୍କୁ ଏବଂ ସମାଜକୁ ସହାୟତା ପ୍ରଦାନ କରିବା ଲାଗି ଆମେ ଏସବିଆଇରେ ସହାୟତା ଜାରି ରଖିବୁ। ସମସ୍ତ କର୍ପୋରେଟ୍ ନାଗରିକମାନଙ୍କୁ ଆଗେଇ ଆସିବା ଲାଗି ଆମେ ଆହ୍ୱାନ ଦେଉଛୁ ଏବଂ କେବଳ ସମସ୍ତ କର୍ମଚାରୀମାନଙ୍କ ପାଇଁ ନୁହେଁ ସେମାନଙ୍କ ପରିବାର ଏବଂ ଆଖପାଖରେ ରହୁଥିବା ଲୋକମାନଙ୍କ ନିମନ୍ତେ ସମସ୍ତ ପ୍ରକାରର ପ୍ରତିଷେଧମୂଳକ ପଦକ୍ଷେପ କରାଯିବ ଏବଂ ଏହି ଅଭାବନୀୟ ପରିସ୍ଥିତିରେ ଯେଉଁ ଦେଶବାସୀମାନେ ଆର୍ଥିକ ସହଯୋଗ ଆବଶ୍ୟକ କରୁଛନ୍ତି ସେମାନଙ୍କୁ ସହୃଦୟତାର ସହ ସେହି ସହଯୋଗ ଯୋଗାଇ ଦିଆଯିବ।''

## ଏଟନା ପକ୍ଷରୁ ଭି-ହେଲଥ୍ ସହାୟତାରେ ୩୦ ଦିନିଆ ମାଗଣା ଭର୍ଚ୍ଚୁଆଲ୍ ଡାକ୍ତରୀ ପରାମର୍ଶ ମହାମାରୀ କୋଭିଡ୍-୧୯ ଲାଗି ଯୋଗାଇ ଦିଆଯିବ

ଭୁବନେଶ୍ୱର : ଏଟନା ପକ୍ଷରୁ ଭି-ହେଲଥ୍ ସହାୟତାରେ ମହାମାରୀ କୋଭିଡ୍-୧୯ ସଂକ୍ରମଣରୁ ଦୂରେଇ ରହିବା ଲାଗି ଲୋକଙ୍କୁ ମାଗଣାରେ ଭର୍ଚ୍ଚୁଆଲ ଡାକ୍ତରୀ ପରାମର୍ଶ ଯୋଗାଇ ଦିଆଯିବା ସମ୍ପର୍କରେ ଘୋଷଣା କରାଯାଇଛି। ଏପ୍ରିଲ୍ ୧୫ ପର୍ଯ୍ୟନ୍ତ ଏହି ସୁବିଧା ଉପଲବ୍ଧ ହେବ। ଡାକ୍ତରୀ ପରାମର୍ଶ ପାଇଁ ନିଶୁଳ୍କ ୧୮୦୦-୧୦୩-୭୦୯୩ ନମ୍ବରରେ ଛୁଟି ଦିନ ବ୍ୟାତିତ ସପ୍ତାହର ସୋମବାରଠାରୁ ଶନିବାର ପର୍ଯ୍ୟନ୍ତ ସକାଳ ୮ଟାଠାରୁ ରାତ୍ରି ୮ଟା ମଧ୍ୟରେ କଲ୍ କରିବାକୁ ପଡ଼ିବ। ସେହିପରି ଅନ୍ ଲାଇନ୍ ପିକରଣ ପାଇଁ ୯୦୨୯୦ ୯୬୧୮୬ରେ ମିସଡ୍ କଲ୍ କରିବାକୁ ହେବ। ଏହା ସହିତ www.vHealth.ioରେ ମଧ ଯୋଗାଯୋଗ କରାଯାଇପାରେ। କୋଭିଡ୍-୧୯ସଂକ୍ରମଣରୁ ଦୂରେଇ ରହିବା ଲାଗି ସାମାଜିକ ବ୍ୟବସ୍ଥାଠାରୁ ଦୂରତା ବଜାୟୀ ରଖିବା ପାଇଁ ବିଶ୍ୱବ୍ୟାପୀ ବିଭିନ୍ନ ଦେଶର ସରକାରଙ୍କ ପକ୍ଷରୁ ଘୋଷଣା ପରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଭି-ହେଲଥ୍ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ଦ୍ୱାରା ଲୋକଙ୍କୁ ପରାମର୍ଶ, ବିକଳ୍ପ ଚିକିତ୍ସା ପ୍ରଣାଳୀ, ଆଲୋଚନା, ଡାଇଗ୍ନୋଷ୍ଟିକ୍ ରିପୋର୍ଟ ଏବଂ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା ସହଜରେ ଉପଲବ୍ଧ କରାଯାଇ ପାରିବ। ଏହା ହସ୍ପିଟାଲରେ ଥିବା ବ୍ୟକ୍ତି ବିଶେଷଙ୍କ ସହିତ ଘରେ ଥିବା ଲୋକଙ୍କୁ ମଧ ଆବଶ୍ୟକ ପରାମର୍ଶ ଦେବାକୁ ସକ୍ଷମ ହେବ। ଯାହାଦ୍ୱାରା ସମ୍ଭାବ୍ୟ ସଂକ୍ରମଣ ଆଶାଙ୍କାରୁ ସହଜରେ ଦୂରେଇ ରହିହେବ। ଏହି ଅବସରରେ ଏଟନା ଇଂଟରନ୍ୟାଶନାଲ୍‌ର ପପୁଲେଶନ ହେଲଥ୍ ସଭାପତି ଡ. ସ୍ନେହ ଖେମ୍‌କା କହିଲେ, ଦେଶର ଅଗ୍ରଣୀ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ କମ୍ପାନୀ ଭାବରେ ଜରୁରୀକାଳୀନ ପରିସ୍ଥିତିରେ ଆମେ ଭର୍ଚ୍ଚୁଆଲ୍ ସେବା ଯୋଗାଇ ଦେବାଲାଗି ପ୍ରତିଶ୍ରୁତିବଦ୍ଧ। ଏଭଳି ଏକ ସ୍ଥିତିରେ ସମାଜକୁ ଆବଶ୍ୟକ ସ୍ୱାସ୍ଥ୍ୟ ପରାମର୍ଶ ଯୋଗାଇ ଦେବା ଆମର ପ୍ରଥମ କର୍ତ୍ତବ୍ୟ। ଏଟନା ଦ୍ୱାରା ପରିଚାଳିତ ଭି-ହେଲଥ୍ ପକ୍ଷରୁ ଆବଶ୍ୟକ ସ୍ଥଳେ ହସ୍ପିଟାଲ ସେବା, ଡାଇଗ୍ନୋଷ୍ଟିକ୍, ପ୍ୟାଥୋଲୋଜି, ଡେଂଟାଲ୍ ଏବଂ ଫାର୍ମାସି ସେବା ଯୋଗାଇ ଦିଆଯାଇଥାଏ। ସମ୍ପ୍ରତି ଭାରତରେ ଭି-ହେଲଥ୍ ପକ୍ଷରୁ ୩ ନିୟୁତରୁ ଅଧିକ ପିକୃତ ସଦସ୍ୟଙ୍କୁ ସେବା ଯୋଗାଇ ଦିଆଯାଉଛି। ଏତ୍ର ନେଟ୍ ପ୍ରମୋଟର ସ୍କୋର୍ +୬୫ ରହିଛି। ସୂଚନାଯୋଗ୍ୟ, ଏଟନା ଦ୍ୱାରା ପରିଚାଳିତ ଭି-ହେଲଥ୍ ପକ୍ଷରୁ ଦେଶର ୫୦୦ରୁ ଅଧିକ ସହରରେ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ସେହିପରି ୨୦୧୮ ନଭେମ୍ବର ୨୮ରେ ଏଟନାକୁ ସିଡିଏସ୍ ହେଲଥ୍ ଅଧିଗ୍ରହଣ କରିଥିଲା। ସିଡିଏସ୍ ସୁସ୍ଥ ସ୍ୱାସ୍ଥ୍ୟ ଲାଗି ଲୋକଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦେଇଥାଏ।

## କ୍ରୀଡ଼ା କ୍ଷେତ୍ରରେ ବିଶ୍ୱର ୧୦ ସବୁଠାରୁ ପ୍ରଭାବଶାଳୀ ମହିଳାଙ୍କ ତାଲିକାରେ ନୀତା ଅମ୍ବାନି

ଭୁବନେଶ୍ୱର: ମୁମ୍ବାଇ ଇଣ୍ଡିଆନ୍ କ୍ରିକେଟ୍ ଟିମ୍ ଦଳର ମାଲିକାଣୀ ତଥା ରିଲାଏନ୍ସ ଫାଉଣ୍ଡେସନର ଅଧ୍ୟକ୍ଷା ନୀତା ଅମ୍ବାନି ୨୦୨୦ ପାଇଁ କ୍ରୀଡ଼ା କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ୧୦ ଜଣ ପ୍ରଭାବଶାଳୀ ମହିଳାଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ଏହି ତାଲିକାରେ ଟେନିସ୍ ତାରକା ସେରେନା ୱିଲିୟମସ୍ ଓ ଜିମ୍ନାଷ୍ଟିକ୍ କ୍ରୀଡ଼ାବିତ ସିମୋନ ବାଇଲସଙ୍କ ନାମ ସହିତ ନୀତାଙ୍କ ନାମ ରହିଛି। କ୍ରୀଡ଼ା ବ୍ୟବସାୟ ନେଟୱର୍କ ଣ୍ଆଇସ୍ପୋର୍ଟସକନେକ୍ଟ' ପକ୍ଷରୁ ଏହାର ଣ୍କ୍ରୀଡ଼ାରେ ସବୁଠାରୁ ପ୍ରଭାବଶାଳୀ ମହିଳା'ର ୨୦୨୦ ତାଲିକାକୁ ପ୍ରକାଶ କରାଯାଇଛି ଓ କୁହାଯାଇଛି ଯେ ୨୫ ଜଣଙ୍କୁ ନେଇ ପ୍ରାଥମିକ ତାଲିକା ପ୍ରସ୍ତୁତ କରାଯାଇଥିଲା ଏବଂ ବିଶେଷଜ୍ଞ କମିଟିର ମତାମତ ମିଳିବା ପରେ ଶ୍ରେଷ୍ଠ ୧୦ ଜଣ ମହିଳାଙ୍କ ତାଲିକା ପ୍ରକାଶ କରିବାକୁ ନିଷ୍ପତି ହୋଇଥିଲା।କ୍ରୀଡ଼ା କ୍ଷେତ୍ରର ସବୁଠୁ ପ୍ରଭାବଶାଳୀ ମହିଳାଙ୍କ ତାଲିକା ପ୍ରସ୍ତୁତ କରିବା ଲାଗି ଗଠନ କରାଯାଇଥିବା କମିଟିରେ ଟେଲ୍‌ଷ୍ଟ୍ରାର ଗ୍ଲୋବାଲ ସେଲସ୍ ହେଡ୍ ଆନ୍ନା ଲକ୍‌ଉଡ୍, ୱାଇ ସ୍ପୋର୍ଟସ୍‌ର ମ୍ୟାନେଜିଂ ପାର୍ଟନର୍ ତଥା ଓମେନ ଇନ ସ୍ପୋର୍ଟସ୍‌ର ପୂର୍ବତନ ଅଧ୍ୟକ୍ଷା ସେଲି ହାଙ୍କକ୍, ଆଇସିସି ପାଇଁ ଗଣମାଧ୍ୟମ ସତ୍ୱାଧିକାରର ପୂର୍ବତନ ମୁଖ୍ୟ ଆରତି ଦେବାସ ଓ ଆଇସ୍ପୋର୍ଟସକନେକ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ରୀ ବର୍ମା ସଦସ୍ୟା ରହିଥିଲେ। ଆଇସ୍ପୋର୍ଟସ୍‌କନେକ୍ଟ ପକ୍ଷରୁ ନୀତା ଅମ୍ବାନିଙ୍କ ସଂକ୍ରାନ୍ତରେ କୁହାଯାଇଛି ଯେ, ନୀତାଙ୍କ ନେତୃତ୍ୱରେ ମୁମ୍ବାଇ ଇଣ୍ଡିଆନ ଦଳ ଆଇପିଏଲ ଇତିହାସରେ ସବୁଠୁ ସଫଳ ହୋଇପାରିଛି ଏବଂ ସେ ଦେଶର ବିଭିନ୍ନ କ୍ରୀଡ଼ା ପ୍ରକଳ୍ପ ସହିତ ଜଡ଼ିତ ରହିଛନ୍ତି।ଏହି ତାଲିକାରେ ସ୍ଥାନ ପାଇଥିବା ଅନ୍ୟ ମହିଳାମାନେ ହେଉଛନ୍ତି ଜିମ୍ନାଷ୍ଟିକ୍ ଖେଳାଳୀ ସିମୋନ୍ ବାଇଲ୍‌ସ, ଫୁଟବଲ୍ ଖେଳାଳୀ ମେଗାନ ରାପିନୋ, ଟେନିସ ତାରକା ସେରେନା ୱିଲିୟମସ ଓ ନାଓମି ଓସାକା, ଫର୍ମୁଲା ୧ର ବିପଣନ ଓ ଯୋଗାଯୋଗ ନିର୍ଦ୍ଦେଶିକା ଏଲି ନୋରମାନ୍, ଡବ୍ଲୁଏନବିଏର କମିସନର କ୍ୟାଥି ଏଲେବର୍ଟ, ଫିଫାର ସେକ୍ରେଟାରି ଜେନେରାଲ ଫାତମା ସାମୋଉରା, ସ୍ପେସିଆଲ ଅଲିମ୍ପିକ୍ସର ସିଇଓ ମେରି ଡେଭିସ ଓ ଓମେନ୍‌ସ କ୍ରିକେଟ ଇସିବିର ପରିଚାଳନା ନିର୍ଦ୍ଦେଶିକା କ୍ଲେୟାର କନୋର୍।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray